ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୦ ଅକ୍ଟୋବର, ୨୦୨୧

## ଗଛରୁ ପଡ଼ି ଜଣଙ୍କ ମୃତ୍ୟୁ

ରେଢାଖୋଲ,(ଡି.ଏନ.ଏ.): ଗଛରେ ଚଢି ସଜନା ଶାଗ ତୋଳୁଥିବା ବେଳେ ଖସିପଡି ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମୃତକ ହେଲେ ଯୁଯୁମୁରା ଥାନା ରାମବଡମାଳ ଗ୍ରାମର କାର୍ତ୍ତିକ ବିଞ୍ଝାଲ (୫୦)। ସୂଚନାମତେ କାର୍ତ୍ତିକ ମଙ୍ଗଳବାର ସକାଳେ ସଜନା ଗଛକୁ ଚଢି ଶାଗ ତୋଳୁଥିଲେ। ଏହି ସମୟରେ ହଠାତ୍ ତଳକୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ରେଢାଖୋଲ ଡାକ୍ତରଖାନା ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



## ସଂକ୍ଷେପରେ

### ଛୁରା ମାଡ଼ ଅଭିଯୋଗ: ନାବାଳକ ଜୁଭେନାଇଲ ବୋର୍ଡରେ ହାଜର

ବ୍ରଜରାଜନଗର,୧୯।୧୦(ଡି.ଏନ.ଏ.): ଦୁଇଦିନ ପୂର୍ବେ ବ୍ରଜରାଜନଗର ସହରରୁ ରାଶନ ସାମଗ୍ରୀ ଧରି ଲମଟିବାହାଲର ଶଙ୍କର ସାହୁ ବାଇକ୍‌ରେ ଯାଉଥିବା ସମୟରେ ଜଣେ ନାବାଳକ ଛୁରି ମାଡ଼ କରିବାରୁ ସେ ଆହତ ହୋଇଥିଲେ। ଶଙ୍କରଙ୍କ ଅଭିଯୋଗ ପରେ ବ୍ରଜରାଜନଗର ଥାନା ପୋଲିସ ନାବାଳକଙ୍କୁ ଧରି ମଙ୍ଗଳବାର ଝାରସୁଗୁଡ଼ା ଜୁଭେନାଇଲ ବୋର୍ଡରେ ହାଜର କରିଥିବା ଥାନା ଅଧିକାରୀ ବୈକୁଣ୍ଠ ସେଠ ସୂଚନା ଦେଇଛନ୍ତି।

### ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ଜିଲା କର୍ମକର୍ତ୍ତା ଘୋଷଣା

ଝାରସୁଗୁଡ଼ା ଅଫିସ,୧୯।୧୦: ଝାରସୁଗୁଡ଼ା ଜିଲା ଭାଜପା ଜିଲା ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର କମିଟି ଗଠନ କରାଯାଇଛି। ନୂତନ କର୍ମକର୍ତ୍ତାଙ୍କ ନାମ ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ମହମ୍ମଦ ଖୁର୍ସିଦ୍ ଆଲମ୍ ଖାନ୍ ଘୋଷଣା କରିଛନ୍ତି। ସଭାପତି ଆଲମ୍ ଖାନ୍, ଉପସଭାପତି ଇକୱାଲ୍ ସିଂହ ଛାବ୍ରା, ହାଜି ମହମ୍ମଦ ସାଦିକ୍ ରଜା, ପ୍ରଦୀପ ଖାଲକୋ, ଜଗମୋହନ ସିଂହ, ମନ୍‌ଜିତ୍ ସିଂହ, ସେହଜାଦୀ ବେଗମ୍, ସାଧାରଣ ସମ୍ପାଦକ ବସିମ୍ ଅହମ୍ମଦ, ରବୀନ୍ଦ୍ର ଜୈନ, ସମ୍ପାଦକ ସନ୍ତୋଷ କୌର, ରିୟାଜୁଲ୍ ହକ୍, ଅମଜଦ୍ ଖାଁ, ଅବଦୁଲ୍ ସକୁର, ମନିଦର ସିଂହ, ଫିରୋଜ ଅଲ୍ଲୀ ଓ କୋଷାଧ୍ୟକ୍ଷ ସବିର ଅଲ୍ଲୀ, କାର୍ଯ୍ୟନିର୍ବାହୀ ସଦସ୍ୟ ୟାକୁବ ଛତ୍ରିଆ, ହର୍ଜିନ୍ଦର ସିଂହ, ବିକି ସିଂହ, ସାହିଲ ହୁସେନ୍, ରଣଜିତ୍ ସିଂହ, ରାଜେଶ ଟେଟେ, ଟେକଚାନ୍ଦ ବାର୍ଲା ମନୋନୀତ ହୋଇଛନ୍ତି।

### ଆଠଗାଁ ଛକରେ ବଏଲ ଯାତ୍ରା ସମ୍ପନ୍ନ

କୁଚିଣ୍ଡା,୧୯।୧୦(ଡି.ଏନ.ଏ.): କୁଚିଣ୍ଡା କୁନ୍ତରାସ୍ଥିତ ଆଠ ଗାଁ ଛକରେ ବଏଲ ଯାତ୍ରା ପାଳିତ ହୋଇଯାଇଛି। ଚଳିତବର୍ଷ କରୋନା କଟକଣା ଯୋଗୁ ଯାତ୍ରା ଫିକା ପଡିଥିଲେ ହେଁ ଶ୍ରଦ୍ଧାଳୁମାନେ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରି କୃପା ଲାଭ କରିଥିଲେ। ଜନଗହଳି ରୋକିବାକୁ ମହୁଲପାଲି ଆଇଆଇସି ଉପସ୍ଥିତ ଥିଲେ। ଯାତ୍ରା କମିଟିରେ ସଭାପତି ହରି କିସାନ, ସମ୍ପାଦକ ମନବୋଧ କଣ୍ଡା, କୋଷାଧ୍ୟକ୍ଷ ପ୍ରଶାନ୍ତ ପଟେଲ ରହିଥିବା ବେଳେ ଅମୃତ ପଟେଲ ଓ ବିଦ୍ୟୁତ ପାଣ୍ଡେ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିଲେ। ମଧ ରାତ୍ରିରୁ ମା' ସମଲେଇ ଜଣେ ଭକ୍ତ ଦେହରେ ସବାର ହୋଇ ବରୁଆ ଭାବେ କାପୁଟିକିରା, କୁନ୍ତରା, ପଣ୍ଡରିପଥର, ବଗାଡିହି, ଝାରମାଲ, ରଙ୍ଗିଆଚିକିରା ଆଦି ଗ୍ରାମ ଭ୍ରମଣ କରି ବଳି ଗ୍ରହଣ କରିବା ପରେ ମଙ୍ଗଳବାର ସକାଳେ ଏହି ଯାତ୍ରା ଉଦ୍‌ଯାପିତ ହୋଇଥିଲା।

### ଦଳର ଆଦର୍ଶ ମୋତେ ଶୃଙ୍ଖଳିତ କରିଛି

ସମ୍ବଲପୁର,୧୯।୧୦(ବ୍ୟୁରୋ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ମୋତେ ଅନୁପ୍ରାଣୀତ କରିଛି। ଯୁବ ଓ ଛାତ୍ର ଜୀବନରୁ ଦଳ ପାଇଁ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛି ବୋଲି ବିଜେଡି ରାଜ୍ୟ ସମ୍ପାଦକ ଶୈଳେଶ ଦାନି ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଦଳର ନିର୍ଦ୍ଦେଶ ପାଳନ କରିଛି। ଆଗକୁ ମଧ ଯାହା ନିର୍ଦ୍ଦେଶ ଦିଆଯିବ ତାହା କାର୍ଯ୍ୟକାରୀ କରିବି। ତୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟା ସମାଧାନ କରିବା ନେଇ କାମ ଜାରି ରହିଛି। କିଛି ଦିନ ପୂର୍ବରୁ ଦଳର କାର୍ଯ୍ୟକାରିଣୀ ବୈଠକରେ କହିବାକୁ ସୁଯୋଗ ମିଳିଥିଲା। ସେ ସମୟରେ ଅନ୍ତର କଥା ଖୋଲି କହିଥିଲି। ଏଥିରେ କାହାକୁ କଷ୍ଟ ଦେବା ଭଳି ଉକ୍ତି ନ ଥିଲା। ହେଲେ ମୋ ବକ୍ତବ୍ୟକୁ ନେଇ ଆଲୋଚନା ଓ ସମାଲୋଚନା କରାଯାଉଥିବାରୁ ତାହା ମୋତେ ଆଘାତ ଦେଉଛି। ବିଜେଡି ମୋତେ ଶୃଙ୍ଖଳିତ କରିଛି। ସେଭଳି ବିଶୃଙ୍ଖଳା କାମ କରିନାହିଁ ବୋଲି ସେ କହିଛନ୍ତି।

### ଝଣ୍ଡାଛକରୁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର

ଝାରସୁଗୁଡ଼ା ଅଫିସ,୧୯।୧୦: ଝାରସୁଗୁଡ଼ା ମୁଖ୍ୟ ସହର ଝଣ୍ଡାଛକରେ ଥିବା ବିଦେଶୀ ମଦଦୋକାନ ସ୍ଥାନାନ୍ତର ପାଇଁ ଜିଲା କଂଗ୍ରେସ କମିଟି ଓ ବ୍ରାହ୍ମଣ ସମାଜ ତରଫରୁ ଗତ ୪ମାସ ତଳେ ଦାବି ହୋଇଥିଲା। ଏ ନେଇ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ୫-ଟି ସଚିବ ଓ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ବିଚାରକୁ ନେଇ ମଙ୍ଗଳବାର ଜିଲା ଅବକାରୀ ବିଭାଗ ନିର୍ଦ୍ଦେଶକ୍ରମେ ବିଦେଶୀ ମଦଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

# ବନ୍ୟପ୍ରାଣୀ ମାରି ପୋତିଦେଇଥିବା ସନ୍ଦେହ

■ଦାନ୍ତ ପାଇଁ ହାତୀ ଶିକାର ଚର୍ଚ୍ଚା
■ଡିଏଫ୍‌ଓଙ୍କ ତଦନ୍ତ ନିର୍ଦ୍ଦେଶ

ସମ୍ବଲପୁର,୧୯।୧୦(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ଠର୍ଲି ଗ୍ରାମ ନିକଟ ମୁଣ୍ଡେର-ଢୁମ୍ବେରଚୁଆଁ ସଂରକ୍ଷିତ ଜଙ୍ଗଲ ଶାଗୁଆନ ବଣରେ ବନ୍ୟପ୍ରାଣୀକୁ ମାରି ପୋତି ଦେଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ଅଞ୍ଚଳରେ ପ୍ରାୟ ଏକସପ୍ତାହ ହେଲା ହାତୀପଲ ଉପଦ୍ରବ କରୁଛନ୍ତି। ତେଣୁ ଦାନ୍ତ ପାଇଁ ହାତୀ ଶିକାର କରାଯାଇଥିବା ଚର୍ଚ୍ଚା ହେଉଛି।

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଶନିବାର ରାତିରେ ହାତୀକୁ ଗୁଳିକରି ଶିକାର କରାଯାଇଛି। ଦାନ୍ତ ନେବା ପରେ ଗାତ ଖୋଳି ତାହାକୁ ପୋତି ଦିଆଯାଇଛି। ଦୁର୍ଗନ୍ଧ ନ ହେବା ପାଇଁ କିରୋସିନ ଢାଳି ପୋଡିଦେବା ପରେ ପୋତି ଦିଆଯାଇଥିବା ଆଲୋଚନା ହେଉଛି। ଏହି ଖବର ବନ ବିଭାଗ ପାଖରେ ପହଞ୍ଚିବା ପରେ ଡିଏଫ୍‌ଓ ତଦନ୍ତ କରିବାକୁ ସ୍ଥାନୀୟ ରେଞ୍ଜ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାତିରେ ବନ ବିଭାଗର ଟିମ୍ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ପୂର୍ବରୁ ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଲଦଲଦି, ଲଣ୍ଡାଘାଟି ଜଙ୍ଗଲରେ ଏକ ଦନ୍ତା ହାତୀ ଶିକାର ପରେ ପୋତି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ହେଲେ ବନ ବିଭାଗ ତଦନ୍ତ ଆଳରେ ମାମଲାକୁ ଚପାଇ ଦେଇଥିବା ନେଇ ଚର୍ଚ୍ଚା ହେଉଥିଲା। ଏ ସମ୍ପର୍କରେ ଡିଏଫ୍‌ଓ ବି. ନୀଳାମ୍ବର କହିଛନ୍ତି, ଘଟଣା ନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସତ ହୋଇଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ଏଭଳି ଘଟଣା ବିଷୟରେ ବନ ବିଭାଗ ପ୍ରଥମେ ଜାଣିବା କଥା ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ପ୍ରାୟ ଏକସପ୍ତାହ ହେବ ସଦର ରେଞ୍ଜ ଅଧୀନରେ ଠର୍ଲି, ଭବାନୀପାଳି, ମୁଣ୍ଡେର, ସିତଲେପାଲି ପ୍ରଭୃତି ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି। ଏହି ପଲରେ ମାଈ, ଅଣ୍ଡିରା ଓ ଛୁଆ ହାତୀ ମିଶି ମୋଟ ୨୬ ହାତୀ ରହିଛନ୍ତି। ଏମାନେ ଜଙ୍ଗଲ ଭିତରେ ମଦ ତିଆରି କରିବା ପରେ ଫିଙ୍ଗାଯାଉଥିବା ପୋଚ, ପନିପରିବା ଓ ଧାନ ଫସଲ ନଷ୍ଟ କରୁଛନ୍ତି। ସ୍ଥାନୀୟ ଲୋକେ ହାତୀପଲକୁ ନେଇ ଚିନ୍ତାରେ ରହୁଛନ୍ତି। ବନ ବିଭାଗ ଓ ଅଞ୍ଚଳବାସୀ ହାତୀ ଘଉଡାଇବାରେ ଲାଗିରହୁଛନ୍ତି।

## ୬ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଝାରସୁଗୁଡ଼ା ଅଫିସ,୧୯।୧୦

୬ଦଫା ସମ୍ବଳିତ ଦାବି ନେଇ ସମ୍ମିଳିତ ଆଦିବାସୀ ସମାଜର ଶତାଧିକ ସଦସ୍ୟ ସୋମବାର ସ୍ଥାନୀୟ ଗୋଁଣ୍ଡଓନା ଛକରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମେଶ୍ୱର ଅମାତ ଏହାକୁ ଗ୍ରହଣ କରିଥିଲେ। ପ୍ରମୁଖ ଦାବି ମଧ୍ୟରେ ଅନେକ ସମୟରେ କ୍ଷମତାର ଦୁରୁପଯୋଗ କରି ଆଦିବାସୀଙ୍କ ଉପରେ ଦାଉ ସାଧୁଥିବାରୁ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର, ଜିଲାପାଳ ଓ ଏସ୍‌ପି ଆଦିବାସୀଙ୍କ କଲ୍ୟାଣ ନେଇ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ତାଙ୍କ ସିସିଆର୍‌ରେ ଆଦିବାସୀ ବିରୋଧୀ ଉଲ୍ଲେଖ କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ତଥା ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜଣେ ସମର୍ଥକ ଆଦିବାସୀ ଲୋକଙ୍କୁ ଦୁର୍ବ୍ୟବହାର କରିଥିବାରୁ ତାଙ୍କୁ ଆଟ୍ରୋସିଟି ଆକ୍ଟରେ ଗିରଫ, ଆଗାମୀ ପଞ୍ଚାୟତ ନିର୍ବାଚନରେ ଲଇକେରା, କିର୍ମିରା ଓ ଯୁଯୁମୁରା ବ୍ଲକ୍‌ରେ ଆଦିବାସୀଙ୍କ ପାଇଁ ଶତପ୍ରତିଶତ ସ୍ଥାନ ସଂରକ୍ଷଣ ଅନ୍ୟତମ। ଏଥିରେ ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଧବ ସିଂ ନାୟକ, ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାୟକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଉପଦେଷ୍ଟା ପ୍ରଭାକର ଓରାମ, ବୁନ୍ଦେ ଧୁରୁଆ, ବିନୋଦ ବିହାରୀ ବାଗ୍, ଉପସଭାପତି କଷ୍ଟୁ ପିଙ୍ଗ୍ ପ୍ରମୁଖ ସାମିଲ ହୋଇଥିଲେ।

## ରେଲୱେ ଡିଭିଜନ ଘୋଷଣା ଦାବିରେ ସ୍ମାରକପତ୍ର ପ୍ରଦାନ

ରାଉରକେଲା ଅଫିସ,୧୯।୧୦

ଦକ୍ଷିଣପୂର୍ବ ରେଲୱେ ଜିଏମ୍ ମଙ୍ଗଳବାର ରାଉରକେଲା ଗସ୍ତ କରି ବିଭିନ୍ନ କାମର ସମୀକ୍ଷା କରିଛନ୍ତି। ଏହି ଅବସରରେ ତାଳଚେର ବିମଳାଗଡ଼ ରେଳପଥ ସଂଗ୍ରାମ ସମିତିର ଏକ ପ୍ରତିନିଧି ଦଳ ଜିଏମ୍‌ଙ୍କ ଉଦ୍ଦେଶ୍ୟରେ ରାଉରକେଲା ରେଲୱେ ଷ୍ଟେଶନ ମାଷ୍ଟର ଅଭୟ କୁମାର ମିଶ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ସଂଗ୍ରାମ ସମିତିର ହରିହର ରାଉତରାୟ, ଶ୍ରମିକ ନେତା ବିଷ୍ଣୁ ମହାନ୍ତି, ରମେଶ ବଳ, ବିମଳ କୁମାର ବିଶି, ଶ୍ରୀମନ୍ତ ବେହେରା, ରାଜ କିଶୋର ପ୍ରଧାନ, ବିନୋଦ ପରିଡା ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଚଳିତ ବର୍ଷ ରେଲୱେ ପକ୍ଷରୁ ତାଳଚେର ଓ ବିମଳାଗଡ଼ ରେଳପଥ ପାଇଁ ୧୧୭


ସମିତି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି କାମ ତ୍ୱରାନିତ କରିବାକୁ ଦାବି କରାଯାଇଛି। ଏଥିସହ ରାଉରକେଲାକୁ ଏକ ସ୍ୱତନ୍ତ୍ର ରେଳ ଡିଭିଜନ ଘୋଷଣା ସହ ରାଉରକେଲା ରେଲୱେ ଷ୍ଟେଶନକୁ ମଡେଲ ରେଳ ଷ୍ଟେଶନରେ ପରିଣତ, ପ୍ଲାଟଫର୍ମ ୫ ଓ ୬ନମ୍ବରର ଉନ୍ନତୀକରଣ, ରାଉରକେଲା-ଭୁବନେଶ୍ୱରକୁ ଅନ୍ୟ ଏକ ଇଣ୍ଟରସିଟି ଟ୍ରେନ୍ ବ୍ୟବସ୍ଥା, ରେଳ ଷ୍ଟେଶନ ସମ୍ମୁଖରେ ସାଧାରଣ ଲୋକଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ଭଳି ପାଇଁ ସମିତି ପକ୍ଷରୁ ଦାବି କରାଯାଇଛି।

## ଶିଶୁମନ୍ଦିରରେ ପୂର୍ବଛାତ୍ର ଏକତ୍ରୀକରଣ

ଝାରସୁଗୁଡ଼ା ଅଫିସ,୧୯।୧୦

ଝାରସୁଗୁଡା ଜିଲା ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଭାରତୀଙ୍କ ଯୋଜନା ଅନୁସାରେ ସାରା ଦେଶରେ ଶିଶୁ ବିଦ୍ୟାମନ୍ଦିରରେ ଏହି କାର୍ଯ୍ୟକ୍ରମ କରାଯାଇଛି। ବିଦ୍ୟାଭାରତୀ ପୂର୍ବ ଛାତ୍ରୀଛାତ୍ରଙ୍କୁ ଯୋଡି ରଖିବାପାଇଁ ଏଭଳି ପ୍ରୟାସ କରିଛି। ପୋର୍ଟାଲ ଗ୍ରୁପ୍‌ରେ ରାଜ୍ୟରୁ ୧ଲକ୍ଷରୁ ଉର୍ଦ୍ଧ୍ୱ ପୂର୍ବ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଛନ୍ତି। ସ୍ଥାନୀୟ ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ର ଚଳିତବର୍ଷ ବୃକ୍ଷରୋପଣ, ଗ୍ରୀଷ୍ମଋତୁରେ ଜଳଦାନ ପ୍ରଭୃତି କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପ୍ରମୁଖ ବିଜୟ କୁମାର ଦାସ ମୁଖ୍ୟଅତିଥି, ସମ୍ମାନିତ ଅତିଥି ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନ, କୋଷାଧ୍ୟକ୍ଷ ଯଶୋବନ୍ତ ପାଲ, ମୁଖ୍ୟବକ୍ତା ବ୍ରଜରାଜନଗର ସଙ୍କୁଳ ସଂଯୋଜକ ଅରୁଣ କୁମାର ସାହୁ ଓ କାର୍ଯ୍ୟକ୍ରମ ପ୍ରମୁଖ ଭାବେ ଭବାନୀ ଶଙ୍କର ରଣା ଯୋଗଦେଇଥିଲେ। ଏହାକୁ ଗୁରୁମା ଆଲୋକମୟୀ ଦାସ ପରିଚାଳନା କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ରାକେଶ କୁମାର ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ।

## ସ୍କୁଟିକୁ ଧକ୍କା ଦେଇ ବାଇକ୍ ଆରୋହୀ ମୃତ

ରେଢାଖୋଲ,୧୯।୧୦ (ଡି.ଏନ.ଏ.)

ରେଢାଖୋଲ ଥାନା କଦଳିଗଡ-ବେଲଡିହ ରାସ୍ତାରେ ମଙ୍ଗଳବାର ଏକ ସ୍କୁଟିକୁ ଧକ୍କାଦେଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଣ୍ଡାଳ ଗ୍ରାମର ସିୟୁସ ଢୁଙ୍ଗ ଢୁଙ୍ଗ (୪୫)। ଏଥିରେ ଡିମିରିମୁଣ୍ଡା ଗ୍ରାମର ରାତ୍ର ମୁଣ୍ଡା ଆହତ ହୋଇଛନ୍ତି। ସୂଚନାମତେ ସିୟୁସ ଓ ରାତ୍ର ଏକ ବାଇକ୍ (ଓଡି୧୫ଟି-୧୬୫୫) କଦଳିଗଡ ଛକକୁ ଆସୁଥିବା ବେଳେ ହାଇସ୍କୁଲ ଛକ ନିକଟରେ ଛିଡାହୋଇଥିବା ସ୍କୁଟି (ଓଡି୧୫ବି-୦୮୬୫)କୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ରେଢାଖୋଲ ଡାକ୍ତରଖାନା ନିଆଯାଇଥିଲା। ହେଲେ ଡାକ୍ତର ସିୟୁସଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରାତ୍ର ମୁଣ୍ଡାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୯୪/୨୧) ରୁଜୁ କରିଛି।

## ଜାତୀୟ ସେବା ଶିବିର ଉଦ୍‌ଯାପିତ

ରାଉରକେଲା ଅଫିସ,୧୯।୧୦

ରାଉରକେଲା ସେକ୍ଟର-୧୯ର ଲୁହାକେରା ସ୍ଥିତ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ସପ୍ତାହବ୍ୟାପୀ ଜାତୀୟ ସେବା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଅଞ୍ଜଳି କୋଡମାନସିଂ ଶିବିର ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସବିତା ଦାସ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ବରିଷ୍ଠ ଅଧ୍ୟାପକ ଜିତେନ୍ଦ୍ର ନାଥ ଦାସ ଉପସ୍ଥିତ ରହି ନିଶା ନିବାରଣ ଉପରେ ଆଲୋଚନା କରିଥିଲେ। ଶିବିରର ବିଭିନ୍ନ ଦିବସରେ ସରକାରୀ ଡାକ୍ତରଖାନାର କାଉନସେଲର ଡାକ୍ତର ପୁଷ୍ପାରାଣୀ ମିଶ୍ର ଓ ଦୁର୍ଗେଶ ନନ୍ଦିନୀ, ଶୈଳବାଳା ଷଡ଼ଙ୍ଗୀ ନିଶା ନିବାରଣ ଓ ବେଟି ପଢ଼ାଓ, ବେଟି ବଢ଼ାଓ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ସଫେଇ, ନିଶା ନିବାରଣ, ବେଟି ପଢ଼ାଓ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଉଦଯାପନୀ ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ଗୀତ, ପ୍ରବନ୍ଧ, ପୋଷ୍ଟର ପ୍ରତିଯୋଗିତା ହୋଇ ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିବିର ସଞ୍ଚାଳିକା କୋଡମାନସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାମିନରେ ଆସି ପୁଣି ଗଞ୍ଜେଇ ବିକ୍ରି


ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

ସମ୍ବଲପୁର,୧୯।୧୦(ବ୍ୟୁରୋ)

ସମ୍ବଲପୁର ଅବକାରୀ ବିଭାଗ ମଙ୍ଗଳବାର ଚଢାଉ କରି ୮ କେଜି ୫୭୫ ଗ୍ରାମ ଗଞ୍ଜେଇ ଜବତ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୁର୍ଲା ଥାନା କିରବା ଗ୍ରାମର ନାରାୟଣ ସାହୁ, ଗରମୁଣ୍ଡା ଗ୍ରାମର ଲଳିତ କୁମାର ସାହୁ ଓ ବିଷ୍ଣୁମନ୍ଦିର ପଡ଼ାର ବିଶ୍ୱ ରଞ୍ଜନ ନାଏକ। ଏ ନେଇ ୨ଟି ମାମଲା ରୁଜୁ ହୋଇଛି। ଚଢାଉରେ ଅବକାରୀ ବିଭାଗ ଅଧିକାରୀ ଅନ୍ନପୂର୍ଣ୍ଣା ରଥ, ଶଶିକାନ୍ତ ଦତ୍ତ, ଦିଲୀପ ଶତପଥୀ, ଶ୍ରୀକାନ୍ତ ପାଣିଗ୍ରାହୀ, ଫକିର ମୋହନ ଦେହୁରି ପ୍ରମୁଖ ସାମିଲ ଥିଲେ। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଅଭିଯୁକ୍ତ ବିଶ୍ୱ ରଞ୍ଜନ ପୂର୍ବରୁ ନିଶାଦ୍ରବ୍ୟ ବିକ୍ରି ଅଭିଯୋଗରେ ଜେଲ ଯାଇଥିଲେ। ଜାମିନରେ ଆସି ପୁଣି ଥରେ ଗଞ୍ଜେଇ ବିକ୍ରି କରୁଥିବା ନେଇ ଖବର ମିଳିଥିଲା। ଚଢାଉ କରିବା ପରେ ବ୍ୟାପକ ମାତ୍ରାରେ ଗଞ୍ଜେଇ ଜବତ ହୋଇଥିଲା।

## ଅଯଥାରେ ବଦ୍‌ନାମ କରୁଛି ଭାଜପା: ବିଜେଡି

ସମ୍ବଲପୁର,୧୯।୧୦(ବ୍ୟୁରୋ)

ପ୍ରାୟ ୨ବର୍ଷ ହେବ ବିଜେଡି ଓ ରାଜ୍ୟ ସରକାରଙ୍କୁ ଭାଜପା ଅଯଥାରେ ବଦ୍‌ନାମ କରୁଛି ବୋଲି ବିଜେଡି ରାଜ୍ୟ ପ୍ରବକ୍ତା ସଞ୍ଜୟ ବାବୁ ମଙ୍ଗଳବାର ଗଣମାଧ୍ୟମ ଆଗରେ କହିଛନ୍ତି। ବିକାଶମୂଳକ ଯୋଜନା କିମ୍ବା କ'ଣ କାମ କରିଛନ୍ତି ସେ ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ଦେଉନାହାନ୍ତି। ହେଲେ ରାଜ୍ୟରେ ଘଟୁଥିବା ଅପରାଧିକ କାର୍ଯ୍ୟରେ ବିଜେଡି ଓ ରାଜ୍ୟ ସରକାରଙ୍କ ସମ୍ପୃକ୍ତି ଥିବା ନେଇ ଅପପ୍ରଚାର କରାଯାଉଛି। ପରେ ଅନେକ ମାମଲାରେ ତଦନ୍ତ ଫଳାଫଳ ଭିନ୍ନ ହେଉଛି। ଏହାର ଅନେକ ନଜିର ରହିଛି। ଅନ୍ୟପକ୍ଷେ ନ୍ୟାୟିକ ପକ୍ରିୟା, ତଦନ୍ତକାରୀ ସଂସ୍ଥା ଉପରେ ଭରସା ନ କରି ରାଜନୀତିକରଣ କରାଯାଉଛି । ଫଳରେ ତଦନ୍ତକାରୀ ସଂସ୍ଥାଙ୍କ ତଦନ୍ତରେ ବାଧା ସୃଷ୍ଟି ହେଉଛି। ପୀଡିତା ଓ ତାଙ୍କ ପରିବାରକୁ ଉଚିତ ନ୍ୟାୟ ମିଳିପାରୁନାହିଁ। ତଦନ୍ତ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ। ଅଭିଯୋଗ କରିବା ପାଇଁ ଫୋରମ ରହିଛି। ନ ହେଲେ ଆଇନର ଆଶ୍ରୟ ନେବାର ମଧ ବ୍ୟବସ୍ଥା ରହିଛି। ଭାଜପା ଉକ୍ତ ଫୋରମକୁ ନ ଯାଇ ଅଯଥାରେ ଅପପ୍ରଚାର କରି ବଦନାମ କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଥିଲେ।

## ୫ଦଫା ଦାବିରେ ରେଳବାଇ ଜିଏମ୍‌ଙ୍କୁ ସ୍ମାରକପତ୍ର

ଝାରସୁଗୁଡ଼ା ଅଫିସ,୧୯।୧୦

ଦକ୍ଷିଣ-ପୂର୍ବ ରେଲୱେ କଲିକତା ଡିଭିଜନ୍‌ର ଜେନେରାଲ ମ୍ୟାନେଜର (ଜିଏମ୍) ଅର୍ଚ୍ଚନା ଯୋଶୀ ମଙ୍ଗଳବାର ଝାରସୁଗୁଡ଼ା ଗସ୍ତରେ ଆସି ରେଳ ଷ୍ଟେଶନରେ ପହଞ୍ଚିଥିଲେ। ଖବରପାଇ ଡିଆର୍‌ୟୁସିସି ଓ ଜିଲା ବଣିକ ସଂଘର କର୍ମକର୍ତ୍ତା ଷ୍ଟେଶନରେ ପହଞ୍ଚି ଜିଏମ୍ ଯୋଶୀଙ୍କୁ ୫ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଝଣ୍ଡାଛକରୁ ରେଲୱେ ଷ୍ଟେଶନ ଦେଇ ବସ୍‌ଷ୍ଟାଣ୍ଡକୁ ଏକ ସ୍ୱତନ୍ତ୍ର ରାସ୍ତା, ମାର୍କେଟ କମ୍ପ୍ଲେକ୍ସ, ଷ୍ଟେଶନରେ ଯାତ୍ରୀଙ୍କ ପାଇଁ ଏସ୍କାଲେଟର ନିର୍ମାଣ, ଲିଫ୍ଟ ସୁବିଧା ଯୋଗାଇ ଦେବା ପାଇଁ ଦାବି


ରେଳବାଇ ଜିଏମ୍‌ଙ୍କୁ ସ୍ମାରକପତ୍ର ଦିଆଯାଉଛି।

ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ଡିଆର୍‌ୟୁସିସି ସଦସ୍ୟ ବୃନ୍ଦାବନ ମାଝି, ହିରାଲାଲ୍ ଲୋକଚନ୍ଦାନୀ, ଲଳିତ ମଗର, ଆନନ୍ଦ ଗୋୟଲ, ଆନନ୍ଦ ଶର୍ମା, ଚୁନିଲାଲ୍ କାକାନୀ, ପ୍ରଶାନ୍ତ ନନ୍ଦ, ଶୈଳେଶ ଗିଡୱାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ

ରାଉରକେଲା ଅଫିସ,୧୯।୧୦

କାର୍ଯ୍ୟରେ ସଫଳତା ପାଇଁ ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ଟ୍ରାଫିକ ଓ କଞ୍ଚାମାଲ ବିଭାଗର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ବିଏଚ୍‌ଇଏଲ ଲୋକୋମୋଟିଭରେ ଡାଇନାମୋ ଡ୍ରାଇଭ ସିଷ୍ଟମର ଆଂଶିକ ପରିବର୍ତ୍ତନ ସମ୍ବନ୍ଧୀୟ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ପ୍ରଶଂସନୀୟ ଯୋଗଦାନ ପାଇଁ ବିଭାଗର ମ୍ୟାନେଜର ଅବଦୁଲ ରଜାକ, ବରିଷ୍ଠ ଟେକ୍ନିସିଆନ ନରେଶ ଚନ୍ଦ୍ର ମିଶ୍ର, ମନୋଜ କୁମାର ପଣ୍ଡା, ରାଜେନ୍ଦ୍ର ପ୍ରଧାନ, ଜଳଧର ସାହୁ, ନରେନ୍ଦ୍ର ଚନ୍ଦ୍ର ବାରିକ, ଆର. କେ ସେଠୀ ଓ ସଦାଶିବ ମଣ୍ଡଳଙ୍କୁ ପୁରସ୍କୃତ କରାଯାଇଥିଲା। ଟିଆଣ୍ଡ ଆରଏମ୍ ବିଭାଗର ଜିଏମ ଇନ୍‌ଚାର୍ଜ ଏନ୍. ଆର ଚୌଧୁରୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

## ପେଟ୍ରୋଲ ଦରବୃଦ୍ଧି ନେଇ ବିକ୍ଷୋଭ

ରାଉରକେଲା ଅଫିସ,୧୯।୧୦

କେନ୍ଦ୍ର ସରକାରଙ୍କ ପେଟ୍ରୋଲ ଓ ରନ୍ଧନଗ୍ୟାସ ଦର ବୃଦ୍ଧିର ପ୍ରତିବାଦ କରି ଯୁବ କଂଗ୍ରେସ ପକ୍ଷରୁ ରାଉରକେଲା ଛେଣ୍ଡ ସ୍ଥିତ ପେଟ୍ରୋଲପମ୍ପ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଉରକେଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ମୋଦି ସରକାରଙ୍କ ଅହେତୁକ ଗ୍ୟାସ, ପେଟ୍ରୋଲ, ଡିଜେଲ, ଖାଇବା ତେଲ ଭଳି ଅତ୍ୟାବଶ୍ୟ ସାମଗ୍ରୀ ଦର ବୃଦ୍ଧିକୁ ବିରୋଧ କରିଥିଲେ। ଦରଦାମ ଯେପର୍ଯ୍ୟନ୍ତ ନ କମିଛି ସେଯାଏ ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଜାରି ରହିବ ବୋଲି କର୍ମୀମାନେ କହିଥିଲେ। ବିକ୍ଷୋଭରେ ପୂର୍ବତନ ସଭାପତି ବିରେନ ସେନାପତି, ଲତା ନାୟକ, କିର୍ତ୍ତନ ଦାସ, ପ୍ରଶାନ୍ତ ସେଠୀ, ଅନୀଲ ଗୁରୁ, କୈଳାସ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଯୁବ କଂଗ୍ରେସ ବିକ୍ଷୋଭ କରାଯାଉଛି।

# ଝାରସୁଗୁଡ଼ାକୁ ସ୍ୱତନ୍ତ୍ର ରେଳ ଡିଭିଜନ ମାନ୍ୟତା ଦାବି

ଝାରସୁଗୁଡ଼ା ଅଫିସ,୧୯।୧୦

ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର ଓ ବେଲପାହାଡ ରେଳ ଷ୍ଟେଶନ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଷ୍ଟେଶନ ଦ୍ୱୟ ଦକ୍ଷିଣ-ପୂର୍ବ ରେଳବାଇ ବିଳାସପୁର ଡିଭିଜନ ଅଧୀନରେ ରହିଥିବାବେଳେ ଏଠାରୁ ରେଳ ବିଭାଗକୁ ବହୁ ପରିମାଣରେ ରାଜସ୍ୱ ଯାଉଛି। ହେଲେ ସେହି ଅନୁପାତରେ ବିକାଶ ହୋଇପାରୁନାହିଁ। ସେହିପରି ଝାରସୁଗୁଡ଼ା ମୁଖ୍ୟ ରେଳଷ୍ଟେଶନ ଦକ୍ଷିଣ-ପୂର୍ବ ରେଳବାଇ ଚକ୍ରଧରପୁର ଡିଭିଜନରେ ଆସୁଥିବାବେଳେ ଝାରସୁଗୁଡା ରୋଡ୍ ଷ୍ଟେଶନ ଇଷ୍ଟକୋଷ୍ଟ ରେଳବାଇ ସମ୍ବଲପୁର ଡିଭିଜନ ଅଧୀନରେ ଆସୁଛି। ଗୋଟିଏ ଜିଲାର ୪ ରେଳ ଷ୍ଟେଶନ


ରେଳବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି ଏମ୍‌ପି ସୁରେଶ ପୂଜାରୀ।

ରହିଥିବାବେଳେ ଏହା ଭିନ୍ନ ଭିନ୍ନ ରେଳ ଡିଭିଜନ ଅଧୀନରେ ରହିଥିବାରୁ ଆଶାନୁରୂପକ ବିକାଶ ହୋଇପାରୁନାହିଁ। ଫଳରେ ଜିଲାବାସୀ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଝାରସୁଗୁଡାରେ ଏକ ସ୍ୱତନ୍ତ୍ର ରେଳବାଇ ଡିଭିଜନ କରିବା ସମ୍ପର୍କରେ ଏମ୍‌ପି ପୂଜାରୀ କେନ୍ଦ୍ର

### ରେଳ ଷ୍ଟେଶନ ପରିଦର୍ଶନ କଲେ ଏମ୍‌ପି

ରେଳ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ସହିତ ଉଭୟ ରେଳ ଷ୍ଟେଶନରେ ପାନୀୟଜଳ, ଶୌଚାଳୟ, ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ଯାତାୟାତ ପାଇଁ ସ୍ୱତନ୍ତ୍ର ସୁବିଧା, ବେଲପାହାଡ ରେଳ ଫାଟକରେ ଓଭର ବ୍ରିଜ୍ ସାଙ୍ଗକୁ ଅଣ୍ଡରଗ୍ରାଉଣ୍ଡ ବ୍ରିଜ୍ ନିର୍ମାଣ, ଯାତ୍ରୀଙ୍କ ଆଶ୍ରୟସ୍ଥଳୀ, ରେଳ ରହଣି ଆଦି ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ଏମ୍‌ପି ପୂଜାରୀଙ୍କ ନିକଟରେ ଦାବି ରଖିଥିଲେ। ଆସନ୍ତା ୨୮ତାରିଖରେ ବିଳାସପୁରରେ ହେବାକୁ ଥିବା ରେଳବାଇ ଜୋନାଲ ବୈଠକରେ ଏମ୍‌ପି ପୂଜାରୀ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ରିଆମାଳରେ ମହାଲକ୍ଷ୍ମୀ ପୂଜା



ରିଆମାଳ, ୧୯।୧୦ ( ଡି.ଏନ୍.ଏ.) ଦେବଗଡ ଜିଲା ରିଆମାଳଠାରେ ମହାଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏଥିରେ ପୂଜକ ସଞ୍ଜୀବ କୁମାର ନନ୍ଦ ଓ ଶଙ୍କର୍ଷଣ ମିଶ୍ର ହୋମ, ପୂଜା କାର୍ଯ୍ୟ କରିଥିଲେ। ବିରେନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ରିନା ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରିଚାଳନା କମିଟି ସମ୍ପାଦକ ତୀର୍ଥବାସୀ ବିଶ୍ୱାଳ, ଯୁବ ବ୍ୟବସାୟୀ ଶମ୍ଭୁଲାଲ ଅଗ୍ରୱାଲ, କୋଷାଧ୍ୟକ୍ଷ ଗୋଲବଦନ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ପ୍ରଧାନ, ତ୍ରିଲୋଚନ ବେହେରା, ମଦନ ମୋହନ ବେହେରା, ଝସକେତନ ବିଶ୍ୱାଳ ସହଯୋଗ କରିଥିଲେ । ସରପଞ୍ଚ ତରଣିସେନ ପ୍ରଧାନ ତଥା ନବକିଶୋର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### ମହିଳା, ଗଣମାଧ୍ୟମ ପ୍ରତିନିଧିଙ୍କ ବୈଠକ

ରିଆମାଳ, ୧୯।୧୦ ( ଡି.ଏନ୍.ଏ.) ଦେବଗଡ଼ ଜିଲା ରିଆମାଳ ସଦର କଲ୍ୟାଣମଣ୍ଡପ ଠାରେ ଅଲିଭା ଗ୍ରାମପଞ୍ଚାୟତ ମହିଳା ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧରେ ମଙ୍ଗଳବାର ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ନାରୀସୁରକ୍ଷା ସମିତି ସମ୍ପାଦିକା ସ୍ମିତାରାଣୀ ପଟ୍ଟନାୟକ ପରିଚାଳନା କରିଥିଲେ। ଏଥିରେ ସରପଞ୍ଚ ତରଣୀସେନ ପ୍ରଧାନ ମୁଖ୍ୟଅତିଥି, ରାକେଶ ଦାଶ, ଅମୂଲ୍ୟ ସାହୁ, ନିରଞ୍ଜନ ବେହେରା, ଆର୍ତ୍ତତ୍ରାଣ ପ୍ରଧାନ, ମହିଳା ପଞ୍ଚାୟତ ପ୍ରତିନିଧି ପୁଷ୍ପାଞ୍ଜଳି ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବୈଠକରେ ୧୫ଟି ପଞ୍ଚାୟତର ନିର୍ବାଚିତ ମହିଳା ପ୍ରତିନିଧି, ଏସ୍ଏଚ୍‌ଜିର ସଭାପତି, ସମ୍ପାଦିକା ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶେଷରେ ସୁରେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ନାରୀସୁରକ୍ଷା ସମିତିର ଅଞ୍ଜନା ମହାକୁଡ ଏବଂ ସଦସ୍ୟମାନେ ସହଯୋଗ କରିଥିଲେ।

### ସୁସ୍ଥ ହୋଇ ଘରକୁ ଫେରିଲେ ଅସହାୟା ଇନ୍ଦୁ



ଲହୁଣୀପଡା,୧୯।୧୦(ଡି.ଏନ.ଏ.)- ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ଦମାଲୁ ଗ୍ରାମର ଇନ୍ଦୁ ତୁରୀ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇ ସୋମବାର ଦିନ ଘରକୁ ଫେରିଛନ୍ତି। ପୁଷ୍ଟିହୀନତା ଓ ଚିକିତ୍ସା ଅବହେଳାରୁ ସେ ଗୁରୁତର ହୋଇ ପଡିଥିଲେ । ପରେ ଇନ୍ଦୁ ତାଙ୍କ ସାନ ପୁଅ ପିରୁ ସହ ରାଉରକେଲା ସରକାରୀ ଡାକ୍ତରଖାନାରେ ଦୀର୍ଘ ୨୫ ଦିନ ଧରି ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ସ୍ଥାନୀୟ ଆଶା ଓ ଅଙ୍ଗନୱାଡି କର୍ମୀ ଏକ ସ୍ୱତନ୍ତ୍ର ଗାଡି ଯୋଗେ ତାଙ୍କୁ ଡାକ୍ତରଖାନାରୁ ଘରକୁ ନେଇଥିଲେ । କିଛି ଦିନ ପୂର୍ବରୁ ଦୁଇ ସନ୍ତାନକୁ ହରାଇଥିବାରୁ ସେ ଘରେ ପହଞ୍ଚିଲା ପରେ ଶସ୍ୟକଳା ସରପଞ୍ଚ ସୁଶୀଳା ଟପ୍ପୋ, ବରସୁଆଁ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ସୁଷମା କୁଲ୍ଲୁ ଏବଂ ସାମାଜିକ କର୍ମୀ ଅନିତା କୁମ୍ଭାର ପ୍ରମୁଖ ତାଙ୍କୁ ସାକ୍ଷାତ କରି ସାନ୍ତ୍ୱନା ଦେଇଥିଲେ । ଏହି ଅବସରରେ ସେମାନେ ଦୁଃଖସୁଖରେ ସାଥୀଟିଏ ହୋଇ ଛିଡା ହେବାକୁ ପ୍ରତିଶ୍ରୁତି ଦେଇଥିଲେ । ସୂଚନାଯୋଗ୍ୟ ଯେ, ଦୀର୍ଘଦିନ ଧରି ଇନ୍ଦୁ ଏବଂ ତାଙ୍କର ୩ ଶିଶୁ ରୋଗାକ୍ରାନ୍ତ ହୋଇ ଭାଗ୍ୟକୁ ଆଦରି ପଡିଥିଲେ । ତେବେ ଗତ ସେପ୍ଟେମ୍ବର ୨୦ ତାରିଖରେ ବଡ଼ପୁଅର ମୃତ୍ୟୁ ଘଟିଥିବା ବେଳେ ସେପ୍ଟେମ୍ବର ୨୧ ତାରିଖରେ ମଝିଆ ଝିଅର ମୃତ୍ୟୁ ଘଟିଥିଲା । ଏହାପରେ ଗୁରୁତର ଅବସ୍ଥାରେ ଅସହାୟ ବିଧବା ମହିଳା ଇନ୍ଦୁ ଓ ସାନ ପୁଅ ପିରୁକୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

# ଆମ ସୁନ୍ଦରଗଡ଼ ସଚେତନତା ରଥ ଗଡ଼ିଲା

**ସୁନ୍ଦରଗଡ,୧୯।୧୦(ଡି.ଏନ.ଏ.)**




ଜିଲାପାଳ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

ସୁନ୍ଦରଗଡ ଜିଲାର ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ଓ ସଚେତନ କରିବା ଲାଗି 'ଆମ ସୁନ୍ଦରଗଡ ସଚେତନତା ରଥ' ବାହାରିଛି । ମଙ୍ଗଳବାର ଦିନ ଜିଲାପାଳ ନିଖିଲ ପବନ କଲ୍ୟାଣ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି।

ଏହି ରଥ ଜିଲାର ସମସ୍ତ ଗ୍ରାମ ପଞ୍ଚାୟତକୁ ଯାଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ୫-ଟି ଅଧୀନରେ ଚାଲିଥିବା ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ, ମାତୃଜ୍ୟୋତି, ପୋଷଣ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରିବ ।ଏହି ସଚେତନତା ରଥରେ ଏଲଇଡି ରହିଛି। ଫଳରେ ଲୋକେ ଭିଡିଓ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ସିଧାସଳଖ ଜାଣିବାର ସୁଯୋଗ ପାଇବେ। ଏହି ଜିଲାରେ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଚାଲିଛି। ବିଶେଷ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳୁଥିବା ସୁବିଧା ଏବଂ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲି ଜିଲାପାଳ କହିଛନ୍ତି। ସେହିପରି ବଣାଇଁ ଉପଖଣ୍ଡର ବିଭିନ୍ନ ଗାଁରେ ଲୋକଙ୍କୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିବା ଲାଗି ଲହୁଣୀପଡା ବ୍ଲକରୁ ଅନୁରୂପ ଭାବେ ଆଉ ଏକ ସଚେତନତା ରଥ ଶୁଭାରମ୍ଭ କରାଯାଇଥିଲା । ଜିଲାପାଳଙ୍କ ସହିତ ଏଡିଏମଓ ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କାହ୍ନୁଚରଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲା ଗସ୍ତରେ ଆସି ଜିଲାବାସୀଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନୂଆ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଜିଲାର ୪ ଲକ୍ଷ ୩୭ ହଜାର ପରିବାରର ୧୫ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ।

# ରାଉରକେଲା ଷ୍ଟେଶନର ଉନ୍ନତି ଜରୁରି

**ରାଉରକେଲା ଅଫିସ,୧୯।୧୦**

ଦକ୍ଷିଣପୂର୍ବ ରେଲୱେର ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀ ମଙ୍ଗଳବାର ସାଢେ ୩ଟାରେ ରାଉରକେଲାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ଏହା ପୂର୍ବରୁ ଯୋଶୀ ଝାରସୁଗୁଡ଼ା ଓ ସାଗଡେଗା ଦେଇ ଏମସିଏଲ ଖଣିକୁ ଯାଇଥିଲେ। ଜିଏମ୍‌ଙ୍କ ରାଉରକେଲା ଗସ୍ତରେ ଚକ୍ରଧରପୁର ଡିଆରଏମ ବିଜୟ କୁମାର ସାହୁ ସାମିଲ ହୋଇଥିଲେ। ରେଲୱେ ମହାପ୍ରବନ୍ଧକ ଯୋଶୀ ରାଉରକେଲା ଷ୍ଟେଶନ ପରିସରରେ ଏସିପେଡ୍‌ର ଶୁଭାରମ୍ଭ କରିଥିଲେ। ଆଗାମୀ ଦିନରେ ରାଉରକେଲା ରେଳ ଷ୍ଟେଶନକୁ କିପରି ସ୍ମାର୍ଟ ଷ୍ଟେଶନରେ ପରିଣତ କରିହେବ ସେ ନେଇ ଜିଏମ ଷ୍ଟେଶନର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଏହାସହ ୫ ନଂ ଓ ୬ ନମ୍ବର ପ୍ଲାଟଫର୍ମ, ଯାତ୍ରୀମାନଙ୍କ ୱେଟିଙ୍ଗ ହଲ, ପାନପୋଷ ଓ ରାଉରକେଲାକୁ ଆସୁଥିବା ୩ୟ ଲାଇନର ଉନ୍ନତୀକରଣ ସହ ଦ୍ୱିତୀୟ ଗେଟ୍‌ର ପ୍ରବେଶ ପଥ ନିର୍ମାଣସ୍ଥଳକୁ ଯାଞ୍ଚ କରିଥିଲେ। ଏହି ଅବସରରେ ରେଲୱେ ମହାପ୍ରବନ୍ଧକ ଯୋଶୀ ରାଉରକେଲା ଷ୍ଟେଶନ ପାଖରେ ଥିବା ଏକ ମହିଳା ଆରପିଏଫ୍ ବାରେକକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ରେଳ ଷ୍ଟେଶନରେ ଯାତ୍ରୀ କିପରି ସୁବିଧା ପାଇପାରିବେ ସେ ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ପାସେଞ୍ଜର ଟ୍ରେନ୍ ପୁନଃ ଚଳାଚଳ ଉପରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡିଛି। ଏଥିରେ ଦକ୍ଷିଣ-ପୂର୍ବ ରେଲୱେ ଚିଫ୍ କମର୍ସିଆଲ ମ୍ୟାନେଜର ସତୀଶ ଦୁଧେ, ପି. ଧନସେନା, ଉମେଶ କୁମାର ବରିନ, କମଲ ବୈଇଁଠା, ରାକେଶ କୁମାର ରାୟ, ମନିଷ ପାଠକ, ଅଭୟ କୁମାର ମିଶ୍ରଙ୍କ ସମେତ ରେଲୱେର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ଦକ୍ଷିଣପୂର୍ବ ରେଲୱେର ମହାପ୍ରବନ୍ଧକ ରାଉରକେଲା ଷ୍ଟେଶନ ବୁଲି ଦେଖୁଛନ୍ତି ।

# ଅଜଣା ରୋଗ, ପୋକ ଦ୍ୱାରା ଧାନ ଫସଲ ନଷ୍ଟ

**ବଡ଼ଗାଁ,୧୯।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ଫୁଲବାରୀ ଓ ଦାଣ୍ଡଜମରା ପଞ୍ଚାୟତର କେତେକ ଗ୍ରାମରେ ଅଜଣା ରୋଗ ପୋକ ଦ୍ୱାରା ବାହାଲ ଜମିର ଧାନ ଫସଲ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଫୁଲବାରୀ ପଞ୍ଚାୟତ ଛାମୁଣ୍ଡା ଗ୍ରାମର ଶୁଭାରାମ ନାଏକ, ବଳରାମ ନାଏକ, ଭୁଲେ ପୃଷେଟ, ଗୋପାଳ ପୃଷେଟଙ୍କ ସମେତ ଅନ୍ୟ କେତେକ ଚାଷୀ ବାହାଲ କିସମ ଜମିରେ ସ୍ୱର୍ଣ୍ଣ ଧାନ ଚାଷ କରିଥିଲେ। ଗତ ସପ୍ତାହେ ପୂର୍ବରୁ ଧାନରେ ପୋକ ଲାଗିବା ଦେଖି ଚାଷୀମାନେ କୀଟନାଶକ ମାଲାଥିନ ପ୍ରୟୋଗ କରିଥିଲେ ମଧ ଏହାର ପ୍ରଭାବ ପଡ଼ି ନ ଥିଲା। ଶୁଭାରାମ କହିଛନ୍ତି ଯେ, ସପ୍ତାହେ ହେଲା ଫସଲ କେଉଁ କାରଣରୁ ନଷ୍ଟ ହେଉଛି ଜାଣିବା ପାଇଁ ଚେଷ୍ଟା କରିଥିଲୁ। କିନ୍ତୁ ଏହା ରୋଗ ନା ପୋକ ଉପଦ୍ରବ ଯୋଗୁ ହେଉଛି ସ୍ପଷ୍ଟ ଜଣାପଡୁନାହିଁ। ତଥାପି ଅତି ଛୋଟ କୀଟ ଯୋଗୁ ଫସଲ ନଷ୍ଟ ହେଉଥିବା ଅନୁମାନ କରୁଛୁ। ସେହିପରି ଦାଣ୍ଡଜମରା ପଞ୍ଚାୟତର ଗରଗଡ଼ବାହାଲ ଅଞ୍ଚଳରେ ଅଜଣା ରୋଗପୋକ ଦ୍ୱାରା ଫସଲ ନଷ୍ଟ ହେଉଥିବା ଜଣାପଡ଼ିଛି। କୃଷି ବିଭାଗର କେହି କର୍ମଚାରୀ ଅଦ୍ୟାବଧି କ୍ଷେତ୍ର ପରିଦର୍ଶନ କରି ପଦକ୍ଷେପ ନେଇ ନ ଥିବା ଚାଷୀମାନଙ୍କ ଠାରୁ ଜଣାପଡ଼ିଛି।

# ହାତୀ ଉପଦ୍ରବ, ଗାଁରେ ଆତଙ୍କ

**ଲହୁଣୀପଡ଼ା,୧୯।୧୦(ଡି.ଏନ.ଏ.)**



ହାତୀ ନଷ୍ଟ କରି ଦେଇଥିବା ଧାନ ଫସଲ ।

- ଘର ଭାଙ୍ଗି ଧାନ,ଚାଉଳ ଖାଇଲେ
- ଦଳି ଚକଟି ଧାନ ଫସଲ ନଷ୍ଟ କଲେ

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ଅର୍ଜୁନ ଚୁଆଁ ଓ ପ୍ରତାପପୁରୁ ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି । ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, ଦୁଇଟି ହାତୀ ସୋମବାର ବିଳମ୍ବିତ ରାତିରେ ଅର୍ଜୁନ ଚୁଆଁ ଗ୍ରାମକୁ ଆସି ବାସୁ ମୁଣ୍ଡାଙ୍କ ଘର ଭାଙ୍ଗିବା ସହିତ ଘରେ ଥିବା ଧାନ, ଚାଉଳ ଖାଇ ଯାଇଛନ୍ତି। ଭୟରେ ବାସୁଙ୍କ ପରିବାର ବାହାରକୁ ପଳାଇ ଆସି ଅଳ୍ପକେ ଜୀବନ ବଞ୍ଚାଇଛନ୍ତି । ଏହାଛଡା ହାତୀ ଧାନ କିଆରୀରେ ପଶି ଦଳି ଚକଟି ଫସଲ ନଷ୍ଟ କରିଛନ୍ତି । ପ୍ରତାପପୁର ଗ୍ରାମର ତୁରୀ ମୁଣ୍ଡା, ପାଣ୍ଡବ ମୁଣ୍ଡାଙ୍କ ବିଲରେ ପଶି ଧାନ ଫସଲ ନଷ୍ଟ କରି ଦେଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଗ୍ରାମବାସୀ ରାଜାମୁଣ୍ଡାସ୍ଥିତ ବାଙ୍କି ରେଞ୍ଜ କାର୍ଯ୍ୟାଳୟକୁ ଜଣାଇଥିଲେ। ଖବରପାଇ ରାଜାମୁଣ୍ଡା ଫରେଷ୍ଟର ପ୍ରଫୁଲ ସ୍ୱାଇଁ ସଦଳବଳେ ଉଭୟ ଗ୍ରାମରେ ପହଞ୍ଚି ସ୍ଥାନୀୟ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସହିତ ମିଶି ହାତୀ ଘଉଡାଇବା ପାଇଁ ଉଦ୍ୟମ ଚଳାଇଥିବା ଜଣାପଡିଛି ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ସୁନ୍ଦରଗଡ଼,୧୯।୧୦(ଡି.ଏନ.ଏ.)-ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଲେଡ଼ିମଙ୍ଗ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ ଲାଗି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବିଧାୟିକା କୁସୁମ ଟେଟେ। ମଙ୍ଗଳବାର ବିଧାୟିକା ପ୍ରଥମେ ଲେଡ଼ିମଙ୍ଗ ଶିବ ମନ୍ଦିର ନିକଟରେ ଏକ ଖୋଲାମଞ୍ଚ, ସିଆଁରମାଲ ଚଉକିପଡାଠାରେ ପୂର୍ବରୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା କୀର୍ତ୍ତନମଣ୍ଡପ କାମ ସମ୍ପୂର୍ଣ୍ଣ କରିବା ଏବଂ ସିଆଁରମାଲରେ ଏକ ନୂତନ କୀର୍ତ୍ତନ ମଣ୍ଡପ ପାଇଁ ଶୁଭ ଦେଇଥିଲେ। ସେହିପରି ଧୂରୁଆଡ଼ିହିଠାରେ ଅସମ୍ପୂର୍ଣ୍ଣ ଥିବା ଜଗନ୍ନାଥ ମନ୍ଦିରର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଶୁଭ ଦେଇଥିଲେ। ତିଲେଇମଲଟିରେ ନୂତନ ଗୋଷ୍ଠୀ କେନ୍ଦ୍ର, ଡୁଡୁକାବାହାଲରେ ନୂତନ ଗୋଷ୍ଠୀ କେନ୍ଦ୍ର, ବାବୁପଡାରେ ନୂତନ କୀର୍ତ୍ତନ ମଣ୍ଡପ, ଖୁଣ୍ଟାଧରା ଠାରେ ଏକ ନୂତନ ଖୋଲା ମଞ୍ଚ ପାଇଁ ଶିଳାନ୍ୟାସ କରିଛନ୍ତି।ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଭେଷଜ ରଥ, ରାଜକୁମାର କିସାନ, ସୁଜିତ ପଟେଲ, ଯୁବମୋର୍ଚ୍ଚା ସଭାପତି ଓମ୍‌ପ୍ରକାଶ ଅଗ୍ରୱାଲ, ହେମନ୍ତ ପାତ୍ର, କରୁଣାକର ମେହେର, ଶତ୍ରୁଘ୍ନ ପଟେଲ, ଅରବିନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବର୍ଷେ ହେବ ନାହାନ୍ତି ଶିଶୁରୋଗ ବିଶେଷଜ୍ଞ

**ରାଜଗାଙ୍ଗପୁର,୧୯।୧୦(ଡି.ଏନ.ଏ.)**

**ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟ**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଥିବା ସରକାରୀ ଚିକିତ୍ସାଳୟରେ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ଶିଶୁ ରୋଗ ବିଶେଷଜ୍ଞ ପଦବୀ ଖାଲି ପଡିଛି । ଫଳରେ ଶିଶୁମାନେ ଠିକ ସମୟରେ ଉପଯୁକ୍ତ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି ।

ପ୍ରକାଶ ଯେ, ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟ ଉପରେ ପୌର ପରିଷଦର ୨୦ଟି ୱାର୍ଡ ସହ ବହୁ ପଞ୍ଚାୟତର ବାସିନ୍ଦା ନିର୍ଭର କରିଥାନ୍ତି । କିନ୍ତୁ ଶିଶୁରୋଗ ବିଶେଷଜ୍ଞ ନ ଥିବା ଯୋଗୁ ସହର ଠାରୁ ୪୦ କିଲୋମିଟର ଦୂରରେ ଥିବା ରାଉରକେଲାକୁ ରୋଗାକ୍ରାନ୍ତ ଶିଶୁକୁ ନେଇ ଯିବାକୁ ପଡୁଛି । ଏଥିଯୋଗୁ ହଇରାଣ ହରକତ ହେବାକୁ ପଡୁଥିବା ବେଳେ ଅଯଥା ସମୟ ନଷ୍ଟ ସହ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ବେଳେ ବେଳେ ଶିଶୁ ଠିକ ସମୟରେ ଉପଯୁକ୍ତ ଚିକିତ୍ସା ନ ପାଇ ଅକାଳରେ ମୃତ୍ୟୁବରଣ କରିବା ନଜିର ରହିଛି । ୨ ଦିନ ପୂର୍ବରୁ ଏହି ଚିକିତ୍ସାଳୟରେ ରାଜଗାଙ୍ଗପୁର ଅଞ୍ଚଳ ବନଖମନ ଗ୍ରାମର ବିରାଜ ଟପ୍ପୋଙ୍କ ସ୍ତ୍ରୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ଜନ୍ମର କିଛି ଘଣ୍ଟା ପରେ ଶିଶୁର ସ୍ୱାସ୍ଥ୍ୟବସ୍ଥା ବିଗିଡି ଯାଇଥିଲା । ତେବେ ଶିଶୁ ରୋଗ ବିଶେଷଜ୍ଞ ନ ଥିବାରୁ ଶିଶୁର ଠିକ୍ ଚିକିତ୍ସା ହୋଇ ନ ପାରି ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ, ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଜିଲା ଖଣିଜ ପାଣ୍ଠିରୁ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ଖଣିଜ ପାଣ୍ଠିରୁ ଯଥାଶୀଘ୍ର ଚିକିତ୍ସାଳୟରେ ଶିଶୁ ରୋଗ ବିଶେଷଜ୍ଞ ପଦବୀ ପୂରଣ ପାଇଁ ଜିଲାପାଳ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ବାର୍ଷିକ ସମାରୋହ

**ସୁନ୍ଦରଗଡ଼,୧୯।୧୦(ଡି.ଏନ.ଏ.)**



ବାର୍ଷିକ ସମାରୋହରେ ଅତିଥି ଓ ଅନ୍ୟମାନେ ।

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଗିଧପାହାଡି (ଲକିପରା )ଠାରେ ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ୧୭ତମ ବାର୍ଷିକ ସମାରୋହ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବରେ ପୂର୍ବତନ ତଲସରା ବିଧାୟକ ଡା. ପ୍ରଫୁଲ୍ଲ ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଅଞ୍ଚଳର ବିକାଶ ପାଇଁ ସଂଗଠନର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଆଗାମୀ ଦିନରେ ହକି ଖେଳ ସହିତ ଆଦିବାସୀ ସଂସ୍କୃତି ଓ ପରମ୍ପରା ବଞ୍ଚାଇ ରଖିବା ପାଇଁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗ ଦେଇ ମହିଳାମାନଙ୍କ ଖେଳ କୁଦକୁ ଆହୁରି ଆଗକୁ ନେବାକୁ ଉତ୍ସାହିତ କରିଥିଲେ । ଏହି ଦିବସରେ ସାହେବଡେରା, ମକାରପେଣ୍ଠି ମଧ୍ୟରେ ପ୍ରଥମ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୪ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ଚାଲିବ । ଏହି ଅବସରରେ ଗୁଲେଶମରା, ଧନୁତିର, ଝାଡୁ ତିଆରି, ସାଂସ୍କୃତିକ ନାଚ , ପାରମ୍ପରିକ ପିଠା ଆଦି ବିଭିନ୍ନ ପ୍ରତିଯୋଗିତା ଆଦି ଆୟୋଜିତ ହେଉଛି। କାର୍ଯ୍ୟକ୍ରମକୁ ମଞ୍ଚର ସଭାନେତ୍ରୀ ନୀଳିମା ତପ୍ପ, ଅବ୍ରାହାମ ଲାକ୍ରା, ସୁପ୍ରିୟାନ ଖାଖା, ବିନୋଦ କୁଜୁର, ପ୍ରଦୀପ କୁଜୁର, ନିର୍ମଳ କୁଜୁର, ଅବ୍ରହାମ ର୍ତିକି, ସନାତନ ବାଡା ପରିଚାଳନା କରିଥିଲେ।


**QUOTATION/TENDER CALL NOTICE**

**JANATA COLLEGE, BOINDA**

Sealed Quotation/Tender are invited from interested parties / firms having TIN/PAN No./ Registration No., Valid GST and other relevant documents for supply of Book Racks to Janata College, Boinda, Dist.- Angul. Details of terms and conditions, description of item and other eligibility criteria are available in the website: www.janatacollegeboinda.org.

Sd./- Principal, Janata College, Boinda
Mob.: 9437331225

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**

At:Ichhapur, Post : Shree Baladevjew
Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**
**Bid Identification No. RWS/ 42 /2021-22**

No. O-837:- Letter No. 5014 / Dated. 11.10.2021

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites urgent basis lump sum bid in single cover system in ONLINE MODE from eligible contractors for sinking of different 200 mm dia Production well for different Rural Piped Water Supply Schemes in Kendrapara District. | | |
| 2 | Name of the work | : | Sinking of 200 mm dia Production well through Mud Rotary Rig for different RPWS Schemes in Kendrapara district |
| 3 | No. of Work | : | 11 Nos. (Eleven) only |
| 4 | Value of the Work | : | Rs.5.91 Lakhs to Rs.6.30 Lakhs |
| 5 | Concerned tender inviting authority | : | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : | Rs.4000.00 |
| 7 | Class of Bidder | : | " D" and "C" |
| 8 | Period of Completion | : | 45 days |
| 9 | Availability of bid documents in the website | : | From date. 25.10.2021 at 10.00 A.M to date. 08.11.2021, 5.30 P.M. |
| 10 | Last Date & time of seeking tender clarification | : | Upto 03.11.2021 upto 5.30 P.M. |
| 11 | Date of oening of bid | : | 09.11.2021 at 11.00 A.M. |

The bidders have to participate in the tender through ONLINE bidding only. Further details can be had from the website i.e. http://tendersodisha.gov.in.

Subsequent corrigendum / addendum if required shall only be appeared in the above website.

Sd./- Executive Engineer, RWS&S Division, Kendrapara
OIPR-25004/11/0019/2122

NATION TAX MARKET GST
COMMISSIONERATE OF CT & GST (Under Finance Department; GOVERNMENT OF ODISHA)

No. S-18

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**

**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

Help Desk: 1800-345-6753 (Toll Free)
email: ctdho@odishatax.gov.in

ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ
OIPR-05006/11/0005/2122

### ବାଉଁଶୁଣୀରେ ଗଜଲକ୍ଷ୍ମୀ ପୂଜା

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ବାଉଁଶୁଣୀ ଛକ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପୂଜକ ଭାବେ ସଚିନ ପୁରୋହିତ ଥିବା ବେଳେ କର୍ତ୍ତା ଭାବରେ ଚିତ୍ତରଞ୍ଜନ ମହାରଣା ପୂଜା କାର୍ଯ୍ୟ ତୁଲାଇଥିଲେ । କୋଭିଡ କଟକଣା ଯୋଗୁ ସାମାଜିକ ଦୂରତା ରକ୍ଷା କରି ପୂଜା ହୋଇଥିଲା । ରମେଶ ଗରିଆ, କୃଷ୍ଣଚନ୍ଦ୍ର ମେହେର, ସତ୍ୟନାରାୟଣ ମହାକୁର, ସୁଦାମ ଦାସ, ମୁନା ଦାସ ଦେବାଶିଷ ନେପାକ, ସୁରଥ ମେହେର, ମୂର୍ତ୍ତି କାରିଗର କାର୍ତ୍ତିକ ମେହେରଙ୍କ ସମେତ କମିଟିର ୩୦ ଜଣ ସଦସ୍ୟଙ୍କ ଉପସ୍ଥିତରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଦୁଇ ବାଇକ ମୁହାଁମୁହିଁ ଧକ୍କା, ଯୁବକ ମୃତ

ସଇଁତଲା,୧୯।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ା ଫାଣ୍ଡି ଅନ୍ତର୍ଗତ ପଟାମରା ଗ୍ରାମ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଲାଙ୍ଗୀର ବିଜାଖମନ ଗ୍ରାମର ଭକ୍ତ ପାଣିଗ୍ରାହୀ (୩୮)। ସେ ନିଜ ଶ୍ୱଶୁର ଘର ଝିଙ୍କିଡ଼ୁଙ୍ଗୁରୀକୁ ବାଇକରେ ଯାଉଥିବାବେଳେ ସଇଁତଲା ବ୍ଲକ ରେଙ୍ଗାଲବାହାଲ ଗ୍ରାମର ରୋହିତ ହରପାଲ(୪୦)ଙ୍କ ବାଇକ ସହ ଧକ୍କା ହୋଇଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ସେଠାରେ ଡ଼ାକ୍ତର ଭକ୍ତଙ୍କୁ ମୃତ ଘୋଷଣା କରିଥିଲେ। ରୋହିତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୀମ ଭୋଇ ମେଡ଼ିକାଲ କଲେଜ ହସ୍ପିଟାଲ ପଠା ଯାଇଥିଲା। ଟିକ୍ରାପଡ଼ା ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି।

### ୨୯ ବର୍ଷରେ ବ୍ଲକ ଛକ ଗଜଲକ୍ଷ୍ମୀ ପୂଜା

ଲୋଇସିଂହା,୧୯।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶ୍ରୀଧାମଠାରେ ଆୟୋଜିତ ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ୨୯ତମ ବର୍ଷରେ ପଦାର୍ପଣ କରିଛି। ବୀରେନ୍ଦ୍ର ପ୍ରଧାନ କର୍ତ୍ତା ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଆସନ୍ତା ରବିବାର ସାମୂହିକ ହୋମଯଜ୍ଞ ଓ ଭସାଣି ଉତ୍ସବ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ରାଜକିଶୋର ମିଶ୍ର, କୁନା ବାରିକ, ସରୋଜ ବଶ୍ୱାଳ, ପ୍ରୀତିରଞ୍ଜନ ସାହୁ, ଶରତ ମିଶ୍ର, ମନୋଜ ଦାସ, ଅଜିତ ସାହୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରୁଛନ୍ତି। କୋଭିଡ କଟକଣା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ କରାଯାଇଛି। ସେହିପରି ଷ୍ଟାଡ଼ିୟମ ବ୍ୟବସାୟୀ ସଂଘ, ଲୋଇସିଂହା ବସ୍ତି ଓ ଭାଲିଆମୁଣ୍ଡା ଛକରେ ମାଙ୍କ ପୂଜା ପାଳିତ ହେଉଛି।

### କଛାରପାଲି, କରୁଆଁଝରରେ ଗଜଲକ୍ଷ୍ମୀ ପୂଜା



ଦେଓଗାଁ,୧୯।୧୦(ଡି.ଏନ.ଏ): ଦେଓଗାଁ ବ୍ଲକ ଅନ୍ତର୍ଗତ କଛାରପାଲି ଓ କରୁଆଁଝରଠାରେ ମଙ୍ଗଳବାର ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। କଛାରପାଲିରେ ପ୍ରଗତୀ ଯୁବକ ସଂଘ ଆନୁକୂଲ୍ୟରେ ହୋଇଥିବା ପୂଜନୋତ୍ସବରେ ନିକଟସ୍ଥ ସୋନଗଡ ନଦୀରୁ କଳସ ଶୋଭାଯାତ୍ରା ହୋଇଥିଲା। ସନ୍ଧ୍ୟାରେ ମାଁଙ୍କ ପୂଜାର୍ଚ୍ଚନା ହୋଇଥିଲା। କର୍ତ୍ତା ଭାବେ ଜନ୍ମେଜୟ ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେହିପରି କରୁଆଁଝରରେ ନବଜୀବନ ପାଠାଗାର ଆନୁକୂଲ୍ୟରେ ଅନୁଷ୍ଠିତ ପୂଜନୋତ୍ସବରେ କର୍ତ୍ତା ଭାବେ ସୁରେଶ ଚନ୍ଦ୍ର ଭୋଇ, ପାରାୟଣ କର୍ତ୍ତା ଭାବେ ରଘୁରାଜ ସିଂଦେଓ, ତେଜେଶ୍ୱରୀ ସିଂଦେଓ, ରାଜପ୍ରତାପ ସିଂଦେଓ, ସୁପ୍ରଭା ସିଂଦେଓ, ସୁଶାନ୍ତ କୁମାର ସାହୁ ଓ ଉମା ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି। ରାମାୟଣ ପାରାୟଣରେ ବ୍ୟାସଭାବେ ହରିହର ପାଢ଼ୀ ଯୋଗ ଦେଉଛନ୍ତି । ୨୨ତାରିଖ ପୂର୍ଣ୍ଣାହୂତି ସହ ପୂଜନୋତ୍ସବ ସମ୍ପନ୍ନ ହେବ ବୋଲି କମିଟି ସଭାପତି ଅନ୍ତର୍ଯ୍ୟାମୀ ଭୋଇ ସୂଚନା ଦେଇଛନ୍ତି।

### କଂଗ୍ରେସ ନେତା ଜୟନ୍ତ ସାହୁଙ୍କ ପରଲୋକରେ ଶୋକ

ଦେଓଗାଁ,୧୯।୧୦(ଡି.ଏନ.ଏ): ଦେଓଗାଁର ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ସାହୁଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଉଛି। ରବିବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କ ପରଲୋକ ଘଟିଥିଲା। ସୋମବାର ତାଙ୍କ ମରଶରୀର ଏଠାକୁ ଅଣାଯିବା ପରେ ଅନେକ ବ୍ୟକ୍ତିବିଶେଷ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ବିଧାୟକ ନରସିଂହ ମିଶ୍ର, ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ବିଧାୟକ ରାଧାକାନ୍ତ ପଣ୍ଡା, ପିସିସି ସଭ୍ୟ ବିଧୁଭୂଷଣ ତ୍ରିପାଠୀ, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ସାହୁ ଓବିସି ସେଲ ସଭାପତି ରହିଥିବା ବେଳେ ପୂର୍ବରୁ ସମିତି ସଭ୍ୟ ନିର୍ବାଚିତ ହୋଇଥିଲେ।

# ବିସ୍ଥାପନ ଦୁଃଖ, ସନ୍ଦିହାନ ଭବିଷ୍ୟତ



ବିସ୍ଥାପିତ ହେବାକୁ ଥିବା ଗ୍ରାମ କୁରୁମକେଲ ।

ବରଗଡ଼ ଅଫିସ୍/ଅମ୍ବାଭୋନା,୧୯।୧୦

ହୀରାକୁଦ ଜଳଭଣ୍ଡାର ହେବା ସମୟରେ କିଛି ପରିବାର ବିସ୍ଥାପିତ ହୋଇ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ରେଙ୍ଗାଲି, କୁରୁମକେଲ, ଭୁଥୁଲି, ବାଲିଯୋରୀ ଗ୍ରାମରେ ବସତି ସ୍ଥାପନ କରିଥିଲେ। ମାତ୍ର ବାରପାହାଡ଼ ପରିବେଷ୍ଟିତ ମହାନଦୀର ହୀରାକୁଦ ଜଳଭଣ୍ଡାର ତଟସ୍ଥ ଏହି ଗ୍ରାମଗୁଡ଼ିକ ଅମ୍ବାଭୋନା ବ୍ଲକ ମାନଚିତ୍ରରୁ ହଜିଯିବାକୁ ବସିଛି। ଆଗାମୀ ଦିନରେ ଉକ୍ତ ଗ୍ରାମବାସୀଙ୍କୁ ପୁଣି ବିସ୍ଥାପିତ ହେବାକୁ ପଡ଼ିବ। ବାରମ୍ବାର ବିସ୍ଥାପିତ ହେଉଥିବାରୁ ଏବେ ସେମାନେ ନିଜ ଭବିଷ୍ୟତ ନେଇ ସନ୍ଦିହାନ ହୋଇପଡିଛନ୍ତି। ୨୦୧୫ ଡିସେମ୍ବର ୧୦ତାରିଖରେ ଉକ୍ତ ଗ୍ରାମ ଗୁଡ଼ିକୁ ଇକୋ ସେନ୍ସିଟିଭ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ବରଗଡ଼ ଜିଲାର ଚଲାଧରା ଏବଂ ଡେବ୍ରିଗଡ଼ ଜଙ୍ଗଲର ୩୫୩ ବର୍ଗ କି.ମି ଜଙ୍ଗଲକୁ ୧୯୮୫ରେ ଅଭୟାରଣ୍ୟର ମାନ୍ୟତା ମିଳିବା ପରେ ଏହି ଅଞ୍ଚଳକୁ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ଭାବେ ପରିଗଣିତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଡେବ୍ରିଗଡ଼ ଓ ଝଗଡ଼ାବେହେରା ଗ୍ରାମକୁ ଉଚ୍ଛେଦ କରାଯାଇ ୨୦୧୭ରେ ୪୬ ପରିବାରକୁ ବିସ୍ଥାପନ କରାଯାଇଥିଲା। ଏବେ ଉକ୍ତ ୪ଗ୍ରାମକୁ ବଫର ଜୋନ୍ ଭାବେ ଚିହ୍ନଟ କରି ବନ ବିଭାଗ ତରଫରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ପଲ୍ଲୀସଭା ଶେଷ ହୋଇଥିବାବେଳେ ଅନୁକମ୍ପା ରାଶିର ପ୍ୟାକେଜ ଘୋଷଣା ଏବଂ ଚକ୍ରମାଳଠାରେ ପୁନର୍ବାସ ନେଇ ପ୍ରଶାସନିକ ପ୍ରତିଶ୍ରୁତି ମିଳିଛି। ଅଳ୍ପଦିନ ମଧ୍ୟରେ ପୁଣିଥରେ ଉକ୍ତ ଗ୍ରାମବାସୀ ଭିଟାମାଟି ଛାଡ଼ିବେ ବୋଲି ଜଣାପଡିଛି।

### ଜୀବିକା ହରାଇ ଚିନ୍ତାରେ



"ବିସ୍ଥାପନର ଦୁଃଖ ବନ୍ୟା, ବାତ୍ୟାଠାରୁ ମଧ୍ୟ ଅଧିକ ଭୟଙ୍କର। ଆଗକୁ କଣ କରିବୁ, କିଭଳି ଚଳିବୁ ଭାବିବା ବେଳକୁ ଆଖିରୁ ଲୁହ ଗଡ଼ି ଯାଉଛି। ରାତିରେ ନିଦ ହେଉନାହିଁ। ପିଲାଛୁଆଙ୍କ ଭବିଷ୍ୟତ ଚିନ୍ତା ଘାରୁଛି । ମାଛ ମାରି ପରିବାର ଗୁଜୁରାଣ ମେଣ୍ଟାଉଥିଲୁ। ଏବେ କେଉଁ ଜୀବିକା ଆଦରିବୁ, ତାହା ଚିନ୍ତା କରିପାରୁନାହୁଁ।

–ମେଘରାମ ଠେଠୁଆ, କୁରୁମକେଲ

### ମିଳିନି ସରକାରୀ ସହାୟତା



"୧୯୪୮ ମସିହାରେ ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିଲୁ। ସେହି ସମୟରେ ଘୋଷିତ ସରକାରୀ ସହାୟତା ଆଜି ପର୍ଯ୍ୟନ୍ତ ପାଇ ପାରିନାହୁଁ। ଅନ୍ୟପଟେ ବିସ୍ଥାପିତ ହେବା ପରେ ସେଠାରୁ ଚାଲି ଆସି ଜଙ୍ଗଲ ପାଦଦେଶ କୁରୁମକେଲରେ ବସତି ସ୍ଥାପନ କରିଥିଲୁ। ଏବେ ପୁଣି ବିସ୍ଥାପିତ ହେବାକୁ ପଡୁଛି। ଭାରି ଦୁଃଖ ଲାଗୁଛି।

–ଗଣପତି ଧରୁଆ, କୁରୁମକେଲ

### ସୁବିଧା ସୁଯୋଗ ମିଳୁ



"ହୀରାକୁଦ ଜଳଭଣ୍ଡାର ନିର୍ମାଣ ସମୟରେ ବିସ୍ଥାପିତ ହେବା ବେଳେ ସରକାରଙ୍କ ଘୋଷିତ ୧୦ ଡେସିମିଲ ଲେଖାଏଁ ଘରବାଡି ମିଳିନାହିଁ। ପୁଣି ଏବେ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଛି। ଫଳରେ ବିସ୍ଥାପିତ ପରିବାରକୁ ୨୦ଡେସିମିଲ ଲେଖାଏଁ ଜମି ଯୋଗାଇ ଦିଆଯାଉ। ସରକାରଙ୍କ ଜୀବନ ଜୀବିକା ମିଶନ ଯୋଜନାରେ ସାମିଲ କରି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ।

–ଅଭିତାଭ ପାତ୍ର, ସାମାଜିକ କର୍ମୀ

## ଦୁଇ ବାଘଛାଲ ଜବତ, ଯୁବକ ଗିରଫ

କନ୍ଧମାଳ,୧୯।୧୦(ଡିଏନଏ)

ଭୁବନେଶ୍ୱର ଏସ୍‌ଟିଏଫ୍ ଟିମ୍ ସୋମବାର ସନ୍ଧ୍ୟାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା କପାସିରା ନିକଟରୁ ଦୁଇଟି ବାଘ ଛାଲ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ବ୍ଲକ ନାରାୟଣ ପ୍ରସାଦ ପଞ୍ଚାୟତ ଲୁଣ୍ଡୁରୁ ଗ୍ରାମର ଜୀବର୍ଦ୍ଧନ ଭୋଇ (୨୫)। ମିଳିଥିବା ସୂଚନା ମୁତାବକ, ଏସ୍‌ଟିଏଫ୍‌ର ଏକ ଟିମ୍ ସୋନପୁରଠାରେ କ୍ୟାମ୍ପ କରି ରହିଥିଲେ । ସୋମବାର ଏହି ଟିମ୍ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ ଯେ, ମନମୁଣ୍ଡା ଥାନା କପାସିରା ଛକ ନିକଟରେ ବାଘ ଛାଲ ଚୋରା କାରବାର ହେବାର ଅଛି। ଏହି ସୂଚନା ପାଇ ଏସ୍‌ଟିଏଫ୍ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ଜୀବର୍ଦ୍ଧନ ମନମୁଣ୍ଡାରୁ କନ୍ଧମାଳ ଯିବା ରାସ୍ତାରେ ଏକ ଜରି ବସ୍ତା ଧରି ଠିଆ ହୋଇଥିବା ଦେଖିବାକୁ ପାଇଥିଲେ। ଏସ୍‌ଟିଏଫ୍ କର୍ମଚାରୀ ସନ୍ଦେହରେ ଯାଞ୍ଚ କରିବାରୁ ଉକ୍ତ ବସ୍ତାରେ ଦୁଇଟି ଚିତା ବାଘ ଛାଲ ଥିବା ଦେଖିବାକୁ ମିଳିଥିଲା । ଏହି ବାଘ ଛାଲ ଜବତ କରିବା ସହ ଅଭିଯୁକ୍ତ ଜୀବର୍ଦ୍ଧନଙ୍କୁ ଗିରଫ କରିଥିଲେ। ପରେ ଅଭିଯୁକ୍ତ ଓ ଜବତ ବାଘ ଛାଲକୁ ବୌଦ୍ଧ ବନ ବିଭାଗର ମନମୁଣ୍ଡା ରେଞ୍ଜକୁ ହସ୍ତାନ୍ତର କରାଯାଇଥିଲା। ଏନେଇ ମନମୁଣ୍ଡା ରେଞ୍ଜ ପକ୍ଷରୁ ନଂ ୨୧୩/୨୧–୨୨ରେ ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନ କନ୍ଧମାଳ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମନମୁଣ୍ଡା ଓ କନ୍ଧମାଳ ରେଞ୍ଜରେ ଏସ୍‌ଟିଏଫ୍ ପକ୍ଷରୁ ବାଘ ଛାଲ ଜବତ ହୋଇଥିବା ଜଣାପଡିଛି।

## ଆରମ୍ଭ ହେଲା ପ୍ରସିଦ୍ଧ ହରଗୌରୀ ଯାତ୍ରା

ସୋନପୁର,୧୯।୧୦(ନି.ପ୍ର.)

ପୂଜା ମଣ୍ଡପକୁ ମଙ୍ଗଳବାର ବିଳମ୍ବିତ ରାତିରେ ଦେବୀ ଗୌରୀଙ୍କ ଆଗମନ ପରେ ସୁବର୍ଣ୍ଣପୁରରେ ଆରମ୍ଭ ହୋଇଛି ପ୍ରସିଦ୍ଧ ହରଗୌରୀ ଯାତ୍ରା। ପ୍ରତିବର୍ଷେ ଅନ୍ତରରେ ସହରର ଡେରାପଡାରେ ରହୁଥିବା ତେଲୁଗୁ ସମ୍ପ୍ରଦାୟ(ଡେରା)ଙ୍କ ଦ୍ୱାରା ଏହି ପର୍ବ ଆୟୋଜିତ ହୋଇଥାଏ। ଜିଲାର ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ନିଜସ୍ୱ ଜମିରୁ ଧାନ ଗଛକୁ ଗୌରୀ ରୂପରେ ବରଣ କରାଯାଇଥିଲା। ପୂଜାର୍ଚ୍ଚନା ପରେ ପରମ୍ପରା ଅନୁଯାୟୀ ପଟୁଆରରେ ଘଣ୍ଟ, ଶଙ୍ଖ, ଭେରୀ, ତୁରୀ ଓ ବିଭିନ୍ନ ବାଦ୍ୟ ସହ ଡେରାପଡାର ଅବିବାହିତ ଯୁବକ ସ୍ୱାଗତମ ପାତ୍ର ଏକ ବଡ ଥାଳ ମଧ୍ୟରେ ଦେବୀଙ୍କୁ ସ୍ଥାପନ କରି ମୁଣ୍ଡରେ ମାଙ୍କୁ ପରିକ୍ରମଣ କରିଥିଲେ।



ଧାନ ଗଛକୁ ଗୌରୀ ରୂପରେ ବରଣ କରାଯାଇ ପୂଜା ମଣ୍ଡପକୁ ନିଆଯାଉଛି ।

ଗୌରୀଙ୍କୁ ବୁଢୀମାଁ ମନ୍ଦିର ପ୍ରାଙ୍ଗଣରେ ଥିବା ପୂଜା ମଣ୍ଡପକୁ ଆଣିବା ସମୟରେ ସହରର ବହୁ ଶ୍ରଦ୍ଧାଳୁ ଭକ୍ତ ନିଜ ଘର ସମ୍ମୁଖରେ କଳସ ଓ ଜାଗର ଜାଳି ଦେବୀଙ୍କୁ ସ୍ୱାଗତ କରିଥିଲେ। ପୂଜା ମଣ୍ଡପରେ ଦେବୀ ଗୌରୀଙ୍କ ବିଜେ ପରେ ଆନୁଷ୍ଠାନିକ ଭାବରେ ପୂଜା ଆରମ୍ଭ ହୋଇଛି। ଏଥିପାଇଁ ଡେରାପଡାର ସମସ୍ତ ସାହିକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଏହି ଯାତ୍ରା ୨୭ତାରିଖ ପର୍ଯ୍ୟନ୍ତ ଚାଲିବ। ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ପାଳନ କରା ଯାଉଥିବା ଯାନିଯାତ୍ରା ମାନଙ୍କ ମଧ୍ୟରୁ ଏହି ଯାତ୍ରାର ଏକ ବିଶେଷତ୍ୱ ରହିଛି। ଏହି ଯାତ୍ରାକୁ ଗୌରାମ୍ମା ସାମ୍ରାଲୁ ମଧ୍ୟ କୁହାଯାଏ। ଚଳିତ ବର୍ଷ କୋଭିଡ କଟକଣାକୁ ଦୃଷ୍ଟିରେ ରଖି କେବଳ ନୀତିକାନ୍ତିରେ ନିରାଡମ୍ବର ଭାବେ ଯାତ୍ରା ଅନୁଷ୍ଠିତ ହେବ ବୋଲି ଯାତ୍ରା ପରିଚାଳନା କମିଟି ସଭାପତି ଦିଲ୍ଲିପ ପାତ୍ର ଓ ସମ୍ପାଦକ ଜନ୍ମେଜୟ ପାତ୍ର ସୂଚନା ଦେଇଛନ୍ତି ।

## ମୋ ସ୍କୁଲ ଅଭିଯାନରେ ୩୨.୧୭ଲକ୍ଷ ଟଙ୍କା ପ୍ରଦାନ




ମୋ ସ୍କୁଲ ଯୋଜନାରେ ସଂଗୃହୀତ ଅର୍ଥରାଶି ପ୍ରଦାନ କରାଯାଉଛି।

ଅମରପାଲି,୧୯।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍କୁଲରୁ ମଙ୍ଗଳବାର ମୋ ସ୍କୁଲ ଯୋଜନାରୁ ମୋଟ ୩୨ଲକ୍ଷ ୧୭ହଜାର ୨ଶହ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ଅଧକ୍ଷତା କରିଥିଲେ। ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି, ଏବିଇଓ ଚମ୍ପେଶ୍ୱର ଦାଶ, ଲକ୍ଷ୍ମଣ ରଥ, ବୀରମହାରାଜପୁର ବାଳକ ହାଇସ୍କୁଲ ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ, ଅବସରପ୍ରାପ୍ତ ଶିକ୍ଷକ ଭୁଷଣ ପାତ୍ର ଅତିଥିଭାବେ ଯୋଗଦେଇ ଥିଲେ। ସିଆରସିସି ଅଭିମନ୍ୟୁ ବଗର୍ତ୍ତି କାର୍ଯ୍ୟକ୍ରମ ସଂଯୋଜନା, ଅକ୍ଷୟ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୬ଟି କ୍ଲଷ୍ଟରର ସମସ୍ତ ସ୍କୁଲ ପ୍ରଧାନଶିକ୍ଷକ ଓ ସିଆରସିସିମାନେ ଯୋଗଦେଇଥିଲେ। ବୁଟିପଦର କ୍ଲଷ୍ଟର ମୋ ସ୍କୁଲ ଯୋଜନାକୁ ସର୍ବାଧିକ ୫ଲକ୍ଷ ୬୩ ହଜାର ଟଙ୍କା ପ୍ରଦାନ କରିଥିଲେ। ସର୍ବାଧିକ ଟଙ୍କା ପ୍ରଦାନ କରିଥିବାରୁ ବୁଟିପଦର କ୍ଲଷ୍ଟରର ସିଆରସିସି ଅଜିତ କୁମାର ନାଏକଙ୍କ ସମେତ କ୍ଲଷ୍ଟରର ପାଞ୍ଚଜଣ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏବିଇଓ ଲକ୍ଷ୍ମଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗୀସର୍ଡା ପଞ୍ଚାୟତ: ୱାର୍ଡ ସଂରକ୍ଷଣକୁ ନେଇ ବଢୁଛି ଅସନ୍ତୋଷ

ଲୋଇସିଂହା,୧୯।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତରେ ୱାର୍ଡ ସଂରକ୍ଷଣ ତାଲିକାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶିତ ତାଲିକାକୁ ବେଆଇନ ଓ ଆଇନ ବିରୋଧି ବୋଲି କେତେକ ଅଭିହିତ କରିଛନ୍ତି। ଯୋଗୀସର୍ଡା, ଗୁର୍ଜିଭଟା, କେଉଁଟପାଲି, ଛେଲବାହାଲ ଓ ମାହାରପାଲି ଗ୍ରାମକୁ ନେଇ ଯୋଗୀସର୍ଡ ପଞ୍ଚାୟତ ଗଠିତ। ପଞ୍ଚାୟତରେ ମୋଟ ୧୨ ୱାର୍ଡ ରହିଛି । ସଂରକ୍ଷଣ ତାଲିକା ମୁତାବକ ଏସସି ୩, ଏସଟି ୧, ପଛୁଆବର୍ଗ ୨ ଓ ଅଣସଂରକ୍ଷିତ ୬ଟି ୱାର୍ଡ ରହିଛି। ୩, ୯ ଓ ୧୧ ନଂ ୱାର୍ଡ ଅନୁସୂଚିତ ଜାତି(ଏସସି), ୫ ନଂ ୱାର୍ଡ ଅନୁସୂଚିତ ଜନଜାତି , ୬ ଓ ୮ ନଂ ୱାର୍ଡ ପଛୁଆ ବର୍ଗ ଏବଂ ବାକି ୱାର୍ଡ ଅଣସଂରକ୍ଷିତ ରହିଛି। ହେଲେ ଅଣସଂରକ୍ଷିତ ୧ ଓ ୧୨ ନଂ ୱାର୍ଡରେ ଅନୁସୂଚିତ ଜାତି(ଏସସି)ବର୍ଗର ଲୋକ ଶତ ପ୍ରତିଶତ ରହିଛନ୍ତି। ତେଣୁ ୧ ଓ ୧୨ ୱାର୍ଡ ମଧ୍ୟ ଅନୁସୂଚିତ ବର୍ଗର ଲୋକଙ୍କ ହାତକୁ ଚାଲିଯିବ। ଏଣୁ ଅଣସଂରକ୍ଷଣରମାନେ କିଛି ନାହିଁ ବୋଲି ଗ୍ରାମର ବରିଷ୍ଠ ନାଗରିକ ଗଦାଧର ମିଶ୍ର ଅଭିଯୋଗ କରିଛନ୍ତି। ଏହାର ସଂଶୋଧନ ନହେଲେ ଆଇନର ଆଶ୍ରୟ ନିଆଯିବ ବୋଲି ସେ କହିଛନ୍ତି।

## ଯୁବ ରେଡ୍‌କ୍ରସ୍ ତାଲିମ ଶିବିର

ଲୋଇସିଂହା,୧୯।୧୦(ଡି.ଏନ.ଏ)

ଓଡିଶା ଯୁବ ରେଡକ୍ରସ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ଲୋଇସିଂହା କଲେଜଠାରେ ତ୍ରିଦିବସୀୟ କ୍ଲଷ୍ଟରସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଶିବିରରେ ଲୋଇସିଂହା, କୁଶଙ୍ଗ, ଯୋଗୀସର୍ଡା ଓ ଛତାମଖନା କଲେଜ ରେଡକ୍ରସ ଛାତ୍ରୀଛାତ୍ର ଓ କାଉନସେଲର ଅଂଶଗ୍ରହଣ କରିଛନ୍ତି। ତହସିଲଦାର ସମ୍ପୂର୍ଣ୍ଣାନନ୍ଦ ବେଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପରେ ଅଧ୍ୟକ୍ଷ




ଉଦ୍‌ଘାଟନୀ ଦିବସରେ ମଞ୍ଚାସୀନ ଅତିଥି।

ଗୋବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ତାଲିମ ନେଉଥିବା ଶିବିରାର୍ଥୀମାନେ ସମାଜରେ ସଂସ୍କାର ଆଣି ପାରିବେ ବୋଲି ମୁଖ୍ୟ ଅତିଥି ବେଜ କହିଥିଲେ। ଯୁବ ରେଡକ୍ରସ ଜିଲା ସଂଯୋଜକ ଦୈତାରୀ ପୂଜାରୀ ଶିବିରାର୍ଥୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଅଧ୍ୟାପକ ବିବେକାନନ୍ଦ ମିଶ୍ର ତାଲିମକୁ କାର୍ଯ୍ୟରେ ପରିଣତ କରିବାକୁ ଶିବିରାର୍ଥୀଙ୍କୁ ଆହ୍ୱାନ ଦେଇଥିଲେ। କଲେଜ ସଂଯୋଜକ ମାନସ ରଞ୍ଜନ କୁମାର ତିନିଦିନ ଧରି ହେବାକୁ ଥିବା ଶିବିରର କାର୍ଯ୍ୟ ଖସଡା ସମ୍ପର୍କରେ କହିଥିଲେ । ହିମାଂଶୁ ମହାକୁର ସଭା କାର୍ଯ୍ୟ ସଂଯୋଜାନ କରିଥିଲେ ।

## ବଲାଙ୍ଗୀର ୪–୩ରେ ବିଜୟୀ

ବରପାଲି,୧୯।୧୦(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ହାଇସ୍କୁଲ ଫୁଟବଲ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସୁବଳ ସାହୁ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ମଙ୍ଗଳବାର ବଲାଙ୍ଗୀର ଓ ରାଉରକେଲା ଏକାଦଶ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ବଲାଙ୍ଗୀର ୪–୩ ଗୋଲରେ ବିଜୟୀ ହୋଇଥିଲା। ଅଶୋକ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ । ପଦ୍ମପୁର ବିଧାୟକ ପ୍ରତିନିଧି ଭୋଜରାଜ ସିଂ ବରିହା, ପ୍ରଦ୍ୟୁମ୍ନ ତ୍ରିପାଠୀ, ବନ୍ତରାମ ସେଠ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ପ୍ଲାଟିନମ୍ ଜୁବିଲି ପାଇଁ ପ୍ରସ୍ତୁତି

ପଦ୍ମପୁର,୧୯।୧୦ (ଡି.ଏନ.ଏ)

ବରଗଡ଼ ଜିଲା ରାଜବୋଡାସମ୍ବର ଉଚ୍ଚବିଦ୍ୟାଳୟର ପ୍ଲାଟିନମ ଜୁବିଲି ପାଇଁ ଏକ ସମ୍ପ୍ରସାରିତ ପ୍ରସ୍ତୁତି ବୈଠକ ସୋମବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟି ଉପସଭାପତି ମନୋରଞ୍ଜନ ସିଂ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ସଂଯୋଜକ ଡକ୍ଟର ମାନଭଞ୍ଜନ ପ୍ରଧାନ, ସମ୍ପାଦକ ଡକ୍ଟର ବିରଞ୍ଚି ସାହୁ, ସଦାନନ୍ଦ ପୁରୋହିତ, ଶିକ୍ଷକ ରାଜେଶ ଖମାରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିରେ ୧୯୫୮ରୁ ୨୦୧୬ ପର୍ଯ୍ୟନ୍ତ ସମସ୍ତ ବ୍ୟାଚ୍‌ର ଛାତ୍ର ପ୍ରତିନିଧି ଯୋଗ ଦେବା ସହ ୨ଲକ୍ଷ ୧ହଜାର ୩ଶହ ଟଙ୍କା କୋଷାଧକ୍ଷଙ୍କଠାରେ ଜମା ଦେଇଥିଲେ। ଏହି ଅବସରରେ ପ୍ରକାଶିତ ହେବାକୁ ଥିବା ସ୍ମରଣିକା ପାଇଁ ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଲେଖା ପଠାଇବା ପାଇଁ ଅନୁରୋଧ କରାଯାଇଛି। ଜୟନାରାୟଣ ତ୍ରିପାଠୀ, ବେଣୁମାଧବ ଦୋରା, ଜିତେନ୍ଦ୍ରୀୟ ଗୁରୁ, ଡାକ୍ତର ଅଶୋକ କୁମାର ଦାଶ, ଅଶୋକ ବହିଦାର, ଉମେଶ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗ୍ରାମ ସଫେଇ କଲେ ଯୁବଗୋଷ୍ଠୀ

ଦେଓଗାଁ,୧୯।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ମୁଖ୍ୟାଳୟରେ ମଙ୍ଗଳବାର ଯୁବଗୋଷ୍ଠୀଙ୍କ ଦ୍ୱାରା ଗାଁ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ହେମନ୍ତ ପୁରୋହିତଙ୍କ ନେତୃତ୍ୱରେ ଯୁବକମାନେ ଗାଁ ଶେଷମୁଣ୍ଡ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ସଫେଇ କରିଥିଲେ। ଏହାସହ ରାସ୍ତାଘାଟରେ ଅଳିଆ ଆବର୍ଜନା ନ ପକାଇ ସଫାସୁତୁରା ରଖିବା ଓ ପାଇଖାନା ବ୍ୟବହାର କରିବା ଦିଗରେ ସଚେତନ କରିଥିଲେ। ସୂଚନାନୁସାରେ ଗାଁର ଏହି ମୁଖ୍ୟରାସ୍ତା ଅନେକ ବର୍ଷଧରି ସଫେଇ ହୋଇ ନ ଥିବାରୁ ରାସ୍ତାପାର୍ଶ୍ୱ ଅଳିଆ ଆବର୍ଜନାରେ ଭରି ଯାଇ ସଂକୀର୍ଣ୍ଣ ହୋଇଥିଲା। ଫଳରେ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଥିଲା। ଗାଁ ଯୁବଗୋଷ୍ଠୀଙ୍କ ଏହି ଉଦ୍ୟମକୁ ବେଶ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ସଞ୍ଜୀବ ପଧାନ, ଅନାଦି ପୁରୋହିତ, ଗୋପାଳ ଭୋଇ,ଧ୍ରୁବା ଚନ୍ଦନ, ଚୈତନ୍ୟ ଭୋଇ ପ୍ରମୁଖ ସାମିଲ ହୋଇଥିଲେ ।



କୁତୁର୍ଲାରେ ଯୁବଗୋଷ୍ଠୀ ଗାଁ ମୁଖ୍ୟ ରାସ୍ତାକୁ ସଫା କରୁଛନ୍ତି ।

## ନୂଆ ରୂପରେ ଷୋହଳ ସୁଆଙ୍ଗ ଦଣ୍ଡନୃତ୍ୟ

ସୋନପୁର,୧୯।୧୦(ନି.ପ୍ର.)

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଲୋକକଳାର ପୁନରୁଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାର ହୃଦୟସ୍ପର୍ଶୀ ଲୋକକଳା ଷୋହଳ ସୁଆଙ୍ଗ ଦଣ୍ଡନୃତ୍ୟ ଏବେ ନୂଆ ରୂପରେ ଆରମ୍ଭ କରାଯାଇଛି। ସୁବର୍ଣ୍ଣପୁରର ଲୋକନୃତ୍ୟ ଅନୁଷ୍ଠାନ ପଏଁରୀର ସମ୍ପାଦକ ତଥା ଲୋକକଳା ଗବେଷକ ଚୌଧୁରୀ ବିଭାରଙ୍କ ତତ୍ତ୍ୱାବଧାନରେ ଏବଂ ନୃତ୍ୟଗୁରୁ ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଷୋହଳ ସୁଆଙ୍ଗ ଦଣ୍ଡନୃତ୍ୟର ୧୬ଟି ଲୋକକଳାକୁ ମଞ୍ଚ ମାଧ୍ୟମରେ ଏବଂ ଲୋକମାନଙ୍କ ମନକୁ ଜିଣିବା ପାଇଁ ଶିଷ୍ୟମାନଙ୍କୁ ଦିକ୍ଷାନ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ନୃତ୍ୟ ଓ ଗୀତ ଶିକ୍ଷା ପ୍ରଦାନ କରାଯାଇଛି। ବିଣାକାର–ବିଣାକାରୁଣୀ, ଶବର–ଶବରାଣୀ, ପତର ସଉରା–ସଉଁରୁଣୀ,



ନୃତ୍ୟ ଗୁରୁ ଗଦାଧର ବାରିକ୍ ଦଣ୍ଡ ନୃତ୍ୟ ଶିକ୍ଷା ଦେଉଛନ୍ତି।

ଫକିର–ଫକିରାଣୀ, ଦିଅର–ଭାଉଜ, ଶାଳୀ–ଭିଣୋଇ, ବାଇଧନ, ଧୂପଖେଳ, ହର–ପାର୍ବତୀ, ପ୍ରଭା–ପ୍ରଭାଣୀ ଆଦି ସୁଆଙ୍ଗ ଲୋକକଳାକୁ ସମସାମୟିକ ତଥା ନୃତ୍ୟ ମାଧମରେ ଶିକ୍ଷାଦାନ କରାଯାଉଛି। ଏଥିରେ ଜିଲାର ଗୋଧନେଶ୍ୱର ଦଣ୍ଡନୃତ୍ୟ ଦଳ ବାସୁଦେବପୁର ଓ ବାବା ଗୁପ୍ତେଶ୍ୱର ଦଣ୍ଡନୃତ୍ୟ ଦଳ ମେଣ୍ଡାମାଲର ସମସ୍ତ କଳାକାର ଉପସ୍ଥିତ ରହି ଗୁରୁଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ। ଗୁରୁ ଗୋକୁଳ ମାଝି, ଭୂଷଣ ଦେହୁରୀ, ସନନ୍ତ ବଘାର, ଅରୁଣ ମେହେର, ସୁରୁବାବୁ ମେହେର, ବିଘ୍ନରାଜ କର୍ଣ୍ଣ, ବୁଲୁ ବାଘ, ଶୁକ୍ରୁ ବେହେରା, ଚନ୍ଦ୍ରଶେଖର କର୍ମୀ, ବଂଶୀଧର କବାଟ ଓ ବିଜୟ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୦ ଅକ୍ଟୋବର, ୨୦୨୧

**ବନ୍ଦା ଗ୍ରାମରେ ଜଳନ୍ଧର ରାଜ**

**ବରଗଡ଼ ଅଫିସ୍:** ବରଗଡ଼ ବ୍ଲକ ବନ୍ଦା ଗ୍ରାମରେ ଜଳନ୍ଧର ରାଜ କାର୍ଯ୍ୟକ୍ରମ ଗତ ୧୭ତାରିଖରୁ ଆରମ୍ଭ ହୋଇଛି। ମଙ୍ଗଳବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମହାରାଜ ଜଳନ୍ଧରଙ୍କ ଦରବାରରେ ରାଜଅତିଥି ଭାବେ ଯୋଗଦାନ କରିଥିଲେ। ବିଧାୟକ ଆଚାର୍ଯ୍ୟ ସିନ୍ଧୁ ରାଜ୍ୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ। ବରିଷ୍ଠ କଳାକାର ସୁରଥ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବନେତା ଉମେଶ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ । ଭୁବନେଶ୍ୱର ପ୍ରଧାନ ଜଳନ୍ଧର ଭୂମିକାରେ ଅଭିନୟ କରୁଥିବା ବେଳେ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।



**ସଂକ୍ଷେପରେ**

## ମଫସଲର କଳାକାର ବମ୍ବେର ତାରକା



**ପଦ୍ମପୁର,୧୯।୧୦(ଡି.ଏନ.ଏ): ** ବରଗଡ଼ ଜିଲା ପଦ୍ମପୁର ନିକଟ ମହୁଲପାଲି ଗ୍ରାମର ଯୁବ କଳାକାର ଜଗନ୍ନାଥ ସେଠ। ନିଜର ଆଗ୍ରହ ଯୋଗୁ ସେ ନିପଟ ମଫସଲରୁ ଯାଇ ବମ୍ବେରେ ପାଦ ଥାପିଛନ୍ତି। ସେ ଅନେକ ତେଲଗୁ, ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରି ଲୋକପ୍ରିୟ ହୋଇଛନ୍ତି। ଜଗନ୍ନାଥ ନୂତନ ଭାବେ ହିନ୍ଦୀ ଓ ଓଡିଆ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଦାମିନୀ ଦି ୱିଚ ମୁକ୍ତିଲାଭ ଅପେକ୍ଷାରେ ରହିଛି। କରୋନା କାଳରେ କେତେକ ଆଦିବାସୀ ଅଧୁଷିତ ଅଞ୍ଚଳରେ ସେଠାକାର ଅଧିବାସୀ କରୋନାକୁ ପିଶାଚିନୀ, ଦେବୀ, ଟଣେଇ ରୂପ ଦେଇ ପୂଜାର୍ଚ୍ଚନା ସହ ମନ୍ତ୍ରତନ୍ତ୍ରକୁ ଆପଣେଇଥିଲେ। ଫଳରେ ଅନେକ ଧନଜୀବନ ନଷ୍ଟ ହୋଇଥିଲା। ଅନ୍ଧବିଶ୍ୱାସକୁ ଦୂର କରି ଏକ ସୁସ୍ଥ ସମାଜ ଗଠନ କରିବାକୁ ସିନେମା ଦାମିନୀ ଉଦାହରଣ ହେବ ବୋଲି ପ୍ରଯୋଜକ ଆଶା କରିଛନ୍ତି। ଓଡିଶାର ମୟୂରଭଞ୍ଜ ଓ ଛତିଶଗଡର ଆଦିବାସୀ ଇଲାକାରେ ସିନେମାର ସୁଟିଂ ହୋଇଛି। ଜେଡି ଚକ୍ରବର୍ତ୍ତି, ତନିଷ୍ଠା ଚଟର୍ଜୀ, ବବୁଲ ଇସଲମଙ୍କ ସହ ଜଗନ୍ନାଥ ଏଥିରେ ଅଭିନୟ କରିଛନ୍ତି। ସିନେମାରେ ସେ ସକରାତ୍ମକ ଅଭିନୟ କରିଛନ୍ତି। ସାମାଜିକ କୁସଂସ୍କାରକୁ ଲୋକମାନଙ୍କ ମନରୁ ହଟାଇବା ପାଇଁ ପ୍ରୟାସ କରାଯାଇଛି।

## ଯୁବକଙ୍କୁ ଆକ୍ରମଣ କରି ୨ ଗିରଫ

**ପାଇକମାଲ,୧୯।୧୦(ଡି.ଏନ.ଏ):** ବରଗଡ ଜିଲା ପାଇକମାଲ କଲୋନୀପଡାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଛଇଲି ବରିହା (୪୪) ଗୋବର୍ଦ୍ଧନ ବରିହା (୩୨)। ଉଭୟଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ ଜଣେ ଭୁତୁଲୁ ବାରିକ (୫୬) ଫେରାର ଅଛନ୍ତି। ପୋଲିସ ସୂଚନା ଅନୁସାରେ, ଗାଇସେଲଟ ଥାନା ସିମିଲମୁଣ୍ଡା ଗ୍ରାମର ପ୍ରମୋଦ ସାହୁ (୩୦) ଦୁଇ ଦିନ ତଳେ ପାଇକମାଲ ଆସି ବୁଲାବୁଲି କରୁଥିଲେ। କଲୋନୀପଡାରେ ସୋମବାର କୌଣସି କାରଣରୁ ପ୍ରମୋଦ ଓ ଅଭିଯୁକ୍ତମାନଙ୍କ ମଧରେ ବଚସା ହୋଇଥିଲା। ଫଳରେ ସେମାନେ ତାଙ୍କୁ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ପାଇକମାଲ ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ପ୍ରମୋଦଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପାଇକମାଲ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ପାଇକମାଲ ଥାନାରେ ଏକ ମାମଲା (ନଂ. ୨୧୧/୨୧) ରୁଜୁ ହୋଇଛି। ଏ ନେଇ ପାଇକମାଲ ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ପଚାରିବାରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ୩ ଯୁବକ କୋର୍ଟଚାଲାଣ

**କୋକସରା,୧୯।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ମାଝିଗୁଡା ଗ୍ରାମରେ ଚାଲିଥିଲା ରେକର୍ଡ ଡ୍ୟାନ୍ସ ଦେଖିବାକୁ ଯାଇଥିବା କୋକସରା ବଡ଼ପଡାର ମୁରଲୀ ଖମାରି (୨୨)ଙ୍କୁ ସୋମବାର କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ଶୋଭା ବାଗ (୪୫), ମନ ବାଗ (୪୦) ଓ ଅକ୍ଷୟ ସାହୁ (୨୩)ଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। କୋକସରା ବଡ଼ପଡାର ମୁରଲୀ ନିକଟସ୍ଥ ମାଝିଗୁଡା ଗାଁରେ ବାଲିଓଷା ଉଦ୍ଯାପିତରେ ଚାଲିଥିବା ରେକର୍ଡ ଡ୍ୟାନ୍ସ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ଆୟୋଜକ କମିଟି ଶୋଭା, ମନ ଓ ଅକ୍ଷୟଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଅକ୍ଷୟ ଏକ ଛୁରିରେ ମୁରଲୀଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ପିଠି ଓ ମୁହଁରେ କ୍ଷତ ହୋଇଥିଲା। ମୁରଲୀଙ୍କ ସହ ଯାଇଥିବା ତାଙ୍କ ସାଙ୍ଗ ତାଙ୍କୁ ଉଦ୍ଧାର କରି କୋକସରା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏ ନେଇ ପରିବାର ଓ ପଡ଼ାବାସୀଙ୍କ ପକ୍ଷରୁ କୋକସରା ଥାନାରେ ଅଭିଯୋଗ କରିବା ସହ ଆକ୍ରମଣକାରୀଙ୍କୁ ଗିରଫ ଦାବି କରିଥିଲେ।

# ମଦକୋଠି ବନ୍ଦ ପାଇଁ ରାସ୍ତା ଅବରୋଧ

**ନୂଆପଡା ଅଫିସ/ଖଡିଆଳ, ୧୯।୧୦(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ଘରଧରା ଗ୍ରାମରେ ମଙ୍ଗଳବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ମଦକୋଠି ବନ୍ଦ ପାଇଁ ରାସ୍ତା ଅବରୋଧ କରାଯାଇଛି। ମହିଳାମାନେ ହାତରେ ଠେଙ୍ଗା, ବାଡି ଧରି ଗ୍ରାମ ପରିକ୍ରମା କରି କୁଳିଗାଁ ମଦଭାଟିଠାରେ ମଦ ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପ୍ରତ୍ୟେକ ଗାଁରେ ବେଆଇନ ମଦ କାରବାର ଚାଲିଥିବାରୁ ଗ୍ରାମ ପରିବେଶ କଳୁଷିତ ହେଉଛି ଓ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ଅବକାରୀ ବିଭାଗ ଓ ଭାଟି ମାଲିକଙ୍କ ମୁନାଫା ଯୋଗୁ ଗାଁ ଗାଁରେ ଛତୁ ଫୁଟିଲା



ମଦ ବିରୋଧୀ ସ୍ଲୋଗାନ ଦେଇ ମହିଳାମାନେ ଗ୍ରାମ ପରିକ୍ରମା କରୁଛନ୍ତି।

ଭଳି ମଦକୋଠି ଖୋଲି ଚାଲିଛି। ମଦ ବିରୋଧରେ ପ୍ରତ୍ୟେକ ଦିନ ଗାଁ ଗାଁରେ ମହିଳାମାନେ ଏକତ୍ର ହୋଇ ଅନେକ ସମୟରେ ଆନ୍ଦୋଳନ କରୁଛନ୍ତି। ପ୍ରତିଶ୍ରୁତି ମିଳୁଛି ତାହା କାର୍ଯ୍ୟକାରୀ ହେଉନାହିଁ। ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉ ନ ଥିବାରୁ ମହିଳାଙ୍କ ଅସନ୍ତୋଷ ବଢିବାରେ ଲାଗିଛି। ମଙ୍ଗଳବାର ଘରଧରା ଗାଁ ସ୍ୱୟଂ ସହାୟକ ମହିଳାମାନେ ଗାଁଠାରୁ କୁଳିଗାଁ ମଦଭାଟି ପର୍ଯ୍ୟନ୍ତ ମଦ ବିରୋଧୀ ବିଭିନ୍ନ ନାରା ଦେଇ ଶୋଭାଯାତ୍ରାରେ ଯାଇଥିଲେ। ଘରଧରା ଗାଁରେ ୭ ଟି ମଦକୋଠି ରହିଛି। ମଦ ପିଇ ପୁରୁଷମାନେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ବେଳେ ଯୁବପିଢି ପଥଭ୍ରଷ୍ଟ ହେଉଥିବା ଅଭିଯୋଗ ହେଉଛି। ତାହାର ପ୍ରଭାବ କୋମଳମତି ଶିଶୁ ଉପରେ ପ୍ରଭାବ ପଡୁଛି। ଗାଁର ସବୁ ମଦକୋଠି ବନ୍ଦ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ କୁଳିଗାଁ ମଦଭାଟି ମ୍ୟାନେଜରଙ୍କୁ ଲିଖିତ ସ୍ୱାକ୍ଷର ମାଗିଥିଲେ। ଭାଟି ମ୍ୟାନେଜର ସବୁ କୋଠି ବନ୍ଦ କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ମଦକୋଠି ଖୋଲିଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଚେତାବନୀ ଦେଇଛନ୍ତି।



ମହମ୍ମଦ ଜୟନ୍ତୀ ଅବସରରେ ମଙ୍ଗଳବାର ସୁବର୍ଣ୍ଣପୁର ଜିଲ ତରଭାରେ ବାହାରି ଥିବା ଶୋଭାଯାତ୍ରା।

## ବିଧବାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି

**କର୍ଲାମୁଣ୍ଡା,୧୯।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ସିଲେଟପଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସୁନାଙ୍କ ଅକାଳ ବିୟୋଗ ହେବାର ଦୀର୍ଘ ଦିନ ବିତିଥିଲେ ହେଁ ସରକାରୀ ସହାୟତା ମିଳି ନ ଥିବା ତାଙ୍କ ବିଧବା ସ୍ତ୍ରୀ ଅଭିଯୋଗ କରିଛନ୍ତି। ଏଥିପାଇଁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଜଣାଇଥିଲେ ହେଁ ବିଧବା ଭତ୍ତା ମିଳିପାରୁନାହିଁ। ଅନ୍ୟପଟେ ସେ ବିପିଏଲ ପରିବାର ହୋଇଥିବାରୁ ତାଲିକାରେ ନାମ ଥିବାରୁ ସରକାରଙ୍କ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସହାୟତା ପାଇବାକୁ ଯୋଗ୍ୟ ଥାଇ ସୁଦ୍ଧା ପ୍ରଶାସନ ଅସହଯୋଗ କରୁଥିବା ସାମାଜିକ କର୍ମୀ ସୁରେଶ ଚୌଧୁରୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗାଁର ପୂର୍ଣ୍ଣଚନ୍ଦ୍ର ସୁନା ଦାଦନ ଶ୍ରମିକ ଭାବେ ରାଜକୋଟ ସହରକୁ କାମ କରିବାକୁ ଯାଇ ସେଠାରେ କରୋନାରେ ଆକ୍ରାନ୍ତ ହୋଇ ଗତ ୨୭।୪।୨୦୨୧ରେ ମୃତ୍ୟୁବରଣ କରିଥିଲେ। ଏବେ ପରିବାରରେ ସ୍ତ୍ରୀ ପଦମା ସୁନା, ଝିଅ ପୁଷ୍ପାଞ୍ଜଳି (୪) ଓ ବିଧବା ମା' ରହିଛନ୍ତି। ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସିଲେଟପଡା ଗ୍ରାମ ବିକାଶ କମିଟି ସଭ୍ୟ ଜଳନ୍ଧର ଭୋଇ, ଦ୍ରୋଣ ସାହୁ ଦାବି କରିଛନ୍ତି।

## ଆଜି ମା' ସୁନାଦେଈଙ୍କ ଛତର ଯାତ୍ରା



ସୁନାଦେଈ ଯାତ୍ରାରେ ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତମାନେ।

**ନୂଆପଡ଼ା ଅଫିସ,୧୯।୧୦**

ନୂଆପଡା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ମା' ସୁନାଦେଈଙ୍କ ଛତର ଯାତ୍ରା ବୁଧବାର ପାଳିତ ହେବ। ପ୍ରତ୍ୟେକ ବର୍ଷ କୁମାର ପୂର୍ଣ୍ଣିମାରେ ମା'ଙ୍କ ଛତର ଯାତ୍ରା ବାହାରି ନଗର ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେଇ ଭକ୍ତଙ୍କ ଗୁହାରି ଶୁଣିଥାଏ। ଗତ ୨ ବର୍ଷ ହେବ କୋଭିଡ୍ କଟକଣା ଯୋଗୁ ଛତର ଯାତ୍ରା ଦିନ ଭକ୍ତଙ୍କୁ ଜିଲା ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିବାରୁ ଶ୍ରଦ୍ଧାଳୁ ଭକ୍ତମାନେ ଗୋଟିଏ ସପ୍ତାହ ପୂର୍ବରୁ ମା'ଙ୍କଠାରେ ମୁଣ୍ଡିଆ ମାରି ବୋଦା ବଳି ଦେଇ ଫେରି ଆସୁଛନ୍ତି। ପୂର୍ବରୁ ଭକ୍ତମାନେ ଜାଣିଥିଲେ ଯେ, ମା' ଛତର ଧରି ନଗର ଭ୍ରମଣ ସମୟରେ ବୋଦା ବଳି ଦିଆଯାଏ । ୨୦ ତାରିଖ (ବୁଧବାର) ପ୍ରଶାସନ ପକ୍ଷରୁ ସୁନାବେଡା ଯିବା ମନା ବୋଲି ଲୋକେ ଜାଣି ୨ ଦିନ ପୂର୍ବରୁ ଲୋକେ ଯାଇ ସେଠାରେ ଡେରା ପକାଇ ସୁନାଦେଈ ମା'ଙ୍କ ଛତର ଯାତ୍ରା ଅପେକ୍ଷାରେ ରହିଛନ୍ତି। ସୁନାବେଡା ଅଭୟାରଣ୍ୟରେ ଚକୋଟିଆ ଭୁଞ୍ଜିଆମାନଙ୍କ ଇଷ୍ଟଦେବୀ ମା' ସୁନାଦେଈଙ୍କ ପ୍ରସିଦ୍ଧ ଯାତ୍ରା ପ୍ରତି ବର୍ଷ କୁମାର ପୂର୍ଣ୍ଣିମା ଦିନ ପାଳିତ ହୋଇଥାଏ। ଏହି ଦିନ ସୁନାଦେଈ ପୀଠ ବୋଦା ବଳିରେ ରକ୍ତରଞ୍ଜିତ ହୋଇଥାଏ। କୋଭିଡ୍ କଟକଣା ଯୋଗୁ ପୋଲିସ ପକ୍ଷରୁ ଅଞ୍ଚଳର ପ୍ରତେକ ପ୍ରବେଶ ପଥରେ କଡାପ୍ରହରା ଦିଆଯାଉଛି।

## ୩୧ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍,୧୯।୧୦**

ବରଗଡ଼ ଜିଲା ବରପାଲି ବ୍ଲକ ମହଦା ଗ୍ରାମରେ ମଙ୍ଗଳବାର ଓଡ଼ିଶା ମୋ ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଜେପୁର ବିଧାୟିକା ରୀତା ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ଗୌରହରି ମିଶ୍ର, ବିଜେଡ଼ି ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସରପଞ୍ଚ ନାରାୟଣ ପ୍ରଧାନ, ସମିତିସଭ୍ୟ ମଧୁ ପ୍ରଧାନ, ଅନ୍ତର୍ଜାତୀୟ ପର୍ବତାରୋହୀ ଲିପିକା ସେଠ, ନିହାରିକା ଗିରି, ଦିବାକର ମାଝି, ରାଜେଶ ମହାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ପୁରାତନ ଛାତ୍ରୀଛାତ୍ରଙ୍କ ଏକତ୍ରୀକରଣ

**ସୋନପୁର,୧୯।୧୦(ନି.ପ୍ର.)**

ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ରୀଛାତ୍ରଙ୍କ ଏକତ୍ରୀକରଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ପରିଷଦର ଅଧକ୍ଷ ଓମ୍‌ପ୍ରକାଶ ମିଶ୍ର ଅଧକ୍ଷତା କରିଥିଲେ। ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ନିଜ ବିଦ୍ୟାଳୟ ପ୍ରତି ରହୁଥିବା ଆନୁଗତ୍ୟ ଭାବ ସମ୍ପର୍କରେ ଡ. ବହିଦାର ଆଲୋକପାତ କରିବ ସହ ବିଦ୍ୟାଳୟର ବିଭିନ୍ନ ବିକାଶୋନ୍ମୁଖୀ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା



କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ବୃନ୍ଦ।

ପ୍ରମୁଖ ପ୍ରଦୀପ କୁମାର ପୁରୋହିତ ସାମ୍ପ୍ରତିକ ସମାଜରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ତାର ନିରାକରଣ ପାଇଁ ଚେଷ୍ଟା କରିବାକୁ ପୁରାତନ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅଧକ୍ଷ ମିଶ୍ର ନିଜ ବିଦ୍ୟାଳୟର ଜୀବନଚର୍ଯ୍ୟାର ସ୍ମୃତିଚାରଣ ପୂର୍ବକ ସମସ୍ତଙ୍କୁ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦୟାନିଧି କରଣଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ପରିଷଦର ସମ୍ପାଦକ ଆଶିଷ ନାୟକଙ୍କ ସମେତ ସହ ପ୍ରଧାନ ଆଚାର୍ଯ୍ୟ ବିନୋଦ କୁମାର ଦାଶ, ଆଚାର୍ଯ୍ୟା ପୁଷ୍ପାଞ୍ଜଳି ପଣ୍ଡା, ସୌଭାଗ୍ୟ ମଞ୍ଜରୀ ମହାରଣା, ଅନୁସୂୟା ମିଶ୍ର, ସୌଦାମିନୀ ହୋତା, ଆଚାର୍ଯ୍ୟ ରବିନାରାୟଣ ମହାରଣା, ସୁବ୍ରତ ବିଶି, ଲଛମନ ପଧାନ, ବାଳକୃଷ୍ଣ ମଲ୍ଲିକ ଓ ବଳରାମ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଥିପାଖୋଲ ବିକାଶ ପରିଷଦ ନୂତନ କର୍ମକର୍ତ୍ତା ଚୟନ

**ନୂଆପଡ଼ା ଅଫିସ,୧୯।୧୦**

ନୂଆପଡା ଜିଲା ସିନାପାଲି ବ୍ଲକ ଥିପାଖୋଲ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଥିପାଖୋଲ ବିକାଶ ପରିଷଦ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପରିଷଦ ସଭାପତି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପୂର୍ବତନ ସିନାପାଲି ଶିକ୍ଷକ ସଂଘ ସଭାପତି ମହେନ୍ଦ୍ର ସୁନାନୀଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଉପସଭାପତି ଟିକେସୁନ୍ଦର ମାଝି, ସମ୍ପାଦକ ଜୟରାମ ମାଝି, ସହ ସମ୍ପାଦକ ଲଳିତ ବାଗ, କୋଷାଧ୍ୟକ୍ଷ ଗଣେଶ ମାଝି ମନୋନୀତ ହୋଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ସାଧରଣ ସମ୍ପାଦକ ଲମ୍ବୋଦର ନିଆଲ ମୁଖ୍ୟଅତିଥି, ସରପଞ୍ଚ ଜୟରାମ ମାଝି, ଜଗଦୀଶ ମାଝି, ଗଣେଶ ପୋଡ, ଗଙ୍ଗାରାମ ମାଝି, ଗୁଣଧର ମାଝି, ଭୁବନେଶ୍ୱର ମାଝି, ପଦ୍ମନ ସିଂ ମାଝି, ରାମେଶ୍ୱର ମାଝି, ତୁଳସି ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ, ଜନପ୍ରତିନିଧି, ସାମାଜିକ କର୍ମୀ ତଥା ଜନସାଧାରଣ ଏକଜୁଟ ହୋଇ ଥିପାଖୋଲର ସୁରକ୍ଷା ଓ ବିକାଶ ପାଇଁ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଛି।

# ଗଜଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା

**ବରଗଡ଼ ଅଫିସ୍,୧୯।୧୦**

ବରଗଡ଼ ବ୍ଲକ ବରଡ଼ୋଲ ପଞ୍ଚାୟତ ନଦୀପଡ଼ା(ଡାଙ୍ଗ)ଠାରେ ମଙ୍ଗଳବାର ଗଜଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଡ଼ାର ମହିଳାମାନେ ୬୧କଳସ ନେଇ ଜିରାନଦୀକୁ ଯାଇଲେ। ସେଠାରୁ ଏକ ଶୋଭାଯାତ୍ରାରେ ପୂର୍ଣ୍ଣକଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ବୁଧବାରଠାରୁ ବିଧିବଦ୍ଧ ଭାବେ ପୂଜା ଆରମ୍ଭ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ବିଦେଶୀ ଥନାପତି ଓ ସ୍ତ୍ରୀ ଗୋଲାପୀ କର୍ତ୍ତାକାର୍ଯ୍ୟ ନିର୍ବାହ କରୁଥିବାବେଳେ



ନଦୀପଡ଼ାରେ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା।

ରାମଚନ୍ଦ୍ର ଦ୍ୱାରୀ, ରାଜକୁମାର ବନଛୋର, ବିକି ଭୁଏ, ସାଗର ବେହେରା, କାଳିଆ ସାହୁ, ରମେଶ ଧରୁଆ, ପପୁ ଠାକୁର, ଗାନ୍ଧୀ ମେହେର ପ୍ରମୁଖ ସହଯୋଗ କରୁଛନ୍ତି। ତିନିଦିନ ଧରି ଏହି ପୂଜନୋତ୍ସବ ଚାଲିବାର କାର୍ଯ୍ୟକ୍ରମ ରହିଛି।

# ଏକଦିବସୀୟ କବାଡ଼ି ଟୁର୍ନାମେଣ୍ଟ

**ନୂଆପଡ଼ା ଅଫିସ,୧୯।୧୦**

ନୂଆପଡା ଜିଲା କୋମନା ବ୍ଲକ ପଲସିପାଣି ଗ୍ରାମରେ ଏକ ଦିବସୀୟ କବାଡି ପ୍ରତିଯୋଗିତା ମା' ଛେଚିଗୁଡି କବାଡି ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ନୂଆପଡା ବିଧାୟକ ରାଜେନ୍ଦ୍ର କୁମାର ଢୋଲକିଆ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ଯୁବ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ ଯୋଗଦେଇଥିଲେ। କବାଡି ଟୁର୍ନାମେଣ୍ଟରେ ନନ୍ଦପୁର ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ମାଙ୍ଗୁରପାଣି, ତୃତୀୟ ସାନଗୁର୍ଜିଭଟା ଓ ଚତୁର୍ଥ ସ୍ଥାନରେ ଦର୍ଲିମୁଣ୍ଡା ବିଜୟୀ ହୋଇଥିଲେ। ମୁଖ୍ୟଅତିଥି ବିଜୟୀ ଦଳକୁ ନଗଦ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରେମ ସାହୁ, ଭଗତସିଂ ମାଝି, ଜୀବନଲାଲ ନାୟକ, ଗୋକୁଳ ଦଣ୍ଡସେନା, ବାବୁଲାଲ ବରିହା ଓ ବୈସୁତା ପ୍ରଧାନ



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

ରାଜ୍ୟସ୍ତରୀୟ ଖେଳ ପରିଚାଳକମାନେ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନ ସଭାପତି ପୂର୍ଣ୍ଣଚନ୍ଦ୍ର ଶବର, ଉପସଭାପତି ହୋସରାମ ଶବର, ସମ୍ପାଦକ ଗଜରାମ ଶବର, ସହସମ୍ପାଦକ ଅଜୟ କୁମାର ଅହୀର, କୋଷାଧ୍ୟକ୍ଷ ଦୟାନିଧି ଶବର ପରିଚାଳନା କରିଥିବା ବେଳ ଜନକ ଶବର, ଦିଲୀପ ଶବର, ରାଜେନ୍ଦ୍ର ଶବର, ଲୋକନାଥ ଶବର, ଭାରତ ଶବର, ସଞ୍ଜିବ ପ୍ରଧାନ, ଟୁକେଶ ଶବର ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମାଧବ ପ୍ରସାଦ ସାହୁ ଓ ସାମ୍ମାନିତ ଅତିଥି ଭାବେ ପଲସିପାଣି ସରପଞ୍ଚ ଓନମ ଶବର ଯୋଗଦେଇଥିଲେ । ଟୁର୍ନାମେଣ୍ଟରେ ନୂଆପଡା ସମେତ ବରଗଡ, ବଲାଙ୍ଗୀର, କଳାହାଣ୍ଡି ଜିଲା ତଥା ପଡୋଶୀ ଛତିଶଗଡରୁ ମୋଟ ୪୦ଟି ଦଳ ଅଂଶ ଗ୍ରହଣ କରିଥିଲେ।

## କଳାହାଣ୍ଡି କରଣ ସମାଜର ବୈଠକ

**ଭବାନୀପାଟଣା,୧୯।୧୦(ଡି.ଏନ.ଏ.)**

ଆସନ୍ତା ନଭେମ୍ବର ୬ରେ ହେବାକୁ ଥିବା ଚିତ୍ରଗୁପ୍ତ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଭବାନୀପାଟଣା କରଣ ସମାଜ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରାମଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ପ୍ରଦୀପ ପଟ୍ଟନାୟକ, ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ କାଳୀପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଚିତ୍ତରଞ୍ଜନ ଦାସ, ପ୍ରମୋଦ ପଟ୍ଟନାୟକ, ପ୍ରମୋଦ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବୈଠକରେ ଉପସଭାପତି ହିମାଂଶୁ ପଟ୍ଟନାୟକ, ମନୋରଞ୍ଜନ ଦାସ, ରଚିତା ମହାନ୍ତି, ବସନ୍ତ କୁମାରୀ ପଟ୍ଟନାୟକ, ନୁପୁର ପଟ୍ଟନାୟକ, ସଂଘମିତ୍ରା କାନୁନଗୋ, ଅର୍ଜୁନ ପଟ୍ଟନାୟକ, ପ୍ରଦୀପ ଦାସ ପ୍ରମୁଖ ଆଲୋଚନା କରିଥିଲେ।

**QUOTATION/TENDER CALL NOTICE**
**JANATA COLLEGE, BOINDA**
Sealed Quotation/Tender are invited from interested parties / firms having TIN/PAN No./ Registration No., Valid GST and other relevant documents for supply of Book Racks to Janata College, Boinda, Dist.- Angul. Details of terms and conditions, description of item and other eligibility criteria are available in the website: www.janatacollegeboinda.org.
Sd./- Principal, Janata College, Boinda
Mob.: 9437331225

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**
At:Ichhapur, Post : Shree Baladevjew
Email: eerwsskendrapara@gmail.com
**INVITATIONS FOR BIDS (IFB) [e-Procurement]**
**Bid Identification No. RWS/ 42 /2021-22**
No. O-837:- Letter No. 5014 / Dated. 11.10.2021

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites urgent basis lump sum bid in single cover system in ONLINE MODE from eligible contractors for sinking of different 200 mm dia Production well for different Rural Piped Water Supply Schemes in Kendrapara District. | | |
| 2 | Name of the work | : | Sinking of 200 mm dia Production well through Mud Rotary Rig for different RPWS Schemes in Kendrapara district |
| 3 | No. of Work | : | 11 Nos. (Eleven) only |
| 4 | Value of the Work | : | Rs.5.91 Lakhs to Rs.6.30 Lakhs |
| 5 | Concerned tender inviting authority | : | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : | Rs.4000.00 |
| 7 | Class of Bidder | : | " D" and "C" |
| 8 | Period of Completion | : | 45 days |
| 9 | Availability of bid documents in the website | : | From date. 25.10.2021 at 10.00 A.M to date. 08.11.2021, 5.30 P.M. |
| 10 | Last Date & time of seeking tender clarification | : | Upto 03.11.2021 upto 5.30 P.M. |
| 11 | Date of oening of bid | : | 09.11.2021 at 11.00 A.M. |

The bidders have to participate in the tender through ONLINE bidding only. Further details can be had from the website i.e. http://tendersodisha.gov.in.
Subsequent corrigendum / addendum if required shall only be appeared in the above website.
Sd./- Executive Engineer, RWS&S Division, Kendrapara
OIPR-25004/11/0019/2122

NATION TAX MARKET
GST
**COMMISSIONERATE OF CT & GST (Under Finance Department; GOVERNMENT OF ODISHA)**
No. S-18
**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**
**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

Help Desk: 1800-345-6753 (Toll Free)
email: ctdho@odishatax.gov.in
ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ
OIPR-05006/11/0005/2122